# ଧାନମଣ୍ଡିରେ ଅବ୍ୟବସ୍ଥା; ନାହିଁ ସ୍ୱତନ୍ତ୍ର ଘର

**କିଶୋରନଗର, ୩୧।୧୨(ସମିସ)**

ରଜ୍ୟ ସରକାର କୃଷି ଓ କୃଷକଙ୍କ ଉନ୍ନତି ପାଇଁ ବହୁ ଯୋଜନା କରି ବହୁ ଅର୍ଥ ବ୍ୟୟ କରୁଛନ୍ତି। କିନ୍ତୁ ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହେଡକଟର ଚାଷୀଙ୍କ ଦୁଃଖ ନ କହିବା ଭଲ। ଏଠିକାର ଶତକଡା ୯୦ ଭାଗ ଚାଷୀ ଚାଷ ଉପରେ ନିର୍ଭର କରି ନିଜର ପରିବାର ଭରଣ ପୋଷଣ କରିଥାନ୍ତି। ଚାଷୀ ଧାରଉଧାର ଓ ଋଣ କରି ଚାଷ କରିଥାଏ। ଧାନ ଅମଳ କରିବା ସମୟରେ ହାତୀପଲଙ୍କ ଉପଦ୍ରବରେ ଅନେକ ଧାନ କ୍ଷତିଗ୍ରସ୍ତ ହେଉଛି। ଏପରିକି ହାତୀ ଦାଉରୁ ଫସଲକୁ ରକ୍ଷା କରିବା ପାଇଁ ଚାଷୀ କ୍ଷେତ ପାଖରେ ନିଆଁଜାଳି ରାତି ଉଜାଗର ରହିଥାଏ। ଏପଟେ ଅମଳ କରିଥିବା ଧାନ ବିକ୍ରି କରିବା ଲାଗି ବହୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। ଅନ୍ୟପକ୍ଷରେ ମିଲରକୁ ଅପେକ୍ଷା କରି ଶୀତକାକରରେ ରାତିରେ ଚାଷୀମାନେ ଧାନରଖି ଜଗିରହୁଛନ୍ତି। ବ୍ଲକ ହେଡ କ୍ୱାଟରର ଧଉରାପାଲ୍ଲୀ ସେବା ସମବାୟ ସମିତିରେ ସ୍ୱତନ୍ତ୍ର ସୁରକ୍ଷାରେ ଧାନ ରଖିବାର ବ୍ୟବସ୍ଥା ନଥିବାରୁ ଚାଷୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଉଲ୍ଲେଖ ଯୋଗ୍ୟ ଯେ ସୁରକ୍ଷା ସ୍ଥାନରେ ଧାନମଣ୍ଡି ନଥିବାରୁ ଜନଗହଳିପୂର୍ଣ୍ଣ ରାସ୍ତା କଡରେ (ସମିତି ସମ୍ମୁଖ)ଧାନ ଲୋଡ ହେଉଥିବା ଯୋଗୁଁ ଦୁର୍ଘଟଣାର ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

**● ରାସ୍ତା କଡରେ ପଡ଼ିରହୁଛି ଶହଶହ ଧାନବସ୍ତା**
**● ଶୀତକାକରରେ ଧାନକୁ ଜଗି ରହୁଛନ୍ତି ଚାଷୀ**



# ହିତେଶ ରାକେଶ ଭବାନୀ ଥାର୍ଟି ସାର କିଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଆଠମଲ୍ଲିକ, ୩୧।୧୨(ସମିସ):** ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଟାପ ଢୋଲ ପଞ୍ଚାୟତ ମାହେଶ୍ୱରୀ କ୍ରିକେଟ ଖେଳ ପଡ଼ିଆ ଠାରେ ହିତେଶ ରାକେଶ ଭବାନୀ ଥାର ଟି ସାର କିଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସରପଞ୍ଚ ଚନ୍ଦ୍ର ଶେଖର ସାହୁ ମ୍ୟାଚ୍‌କୁ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନି ମ୍ୟାଚ୍ ଟାପଢୁଲ ଇଲେଭେନ ଷ୍ଟାର ଏବଂ ପେଡ଼ିପଥର ମଧ୍ୟରେ ହୋଇଥିଲା ପେଡ଼ିପଥର ବିଜୟୀ ହୋଇଥିଲା। ଫାଇନାଲ ମ୍ୟାଚ୍ ଶିମିଳିଆ ଏବଂ ପେଡ଼ିପଥର ମଧ୍ୟରେ ହୋଇଥିଲା। ଏଥିରେ ସିମିଳିଆ ଚାମ୍ପିଅନ ହୋଇଥିବା ବେଳେ ପେଡ଼ିପଥର ଟିମ ରନର୍ସ ଅପ୍ ହୋଇଥିଲା। ଅମ୍ପାୟାର ଭାବେ ଅଜିତ ସାହୁ ଏବଂ ସତ୍ୟ ବ୍ରତ ସାହୁ ଉପସ୍ଥିତ ଥିବା ବେଳେ ସ୍କୋରର ଦାୟିତ୍ୱ ସିଙ୍କନ ପ୍ରଧାନ, ଗଣନାଥ ବାରିକ ଉପସ୍ଥିତ ଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ଦୁଷ୍ମନ୍ତ ପ୍ରଧାନ ଏବଂ ଗଣ ନାଥ ବାରିକ ପରିଚାଳନା କରିଥିଲେ। ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକର ଯୁବ ସମାଜସେବୀ ଅର୍ଜୁନ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସମାଜସେବୀ ବିଭୁତି ପ୍ରଧାନ, ସରପଞ୍ଚ ଚନ୍ଦ୍ର ଶେଖର ସାହୁ, ମଞ୍ଚା ସିନ ଥିଲେ। ଚାମ୍ପିଅନ ଏବଂ ରାନର୍ସ ଅପ ଦଳକୁ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଜଗନ ପ୍ରଧାନ, କାଳନ୍ଦୀ ଚରଣ ସାହୁ, ସତ୍ୟବ୍ରତ ସାହୁ, ସମ୍ବିତ ସାହୁ, ଅଜିତ ସାହୁ, ଭଜ ରାମ ସାହୁ, ହୃଷିକେଶ ପ୍ରଧାନ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



## ପୁଅର ଟାଙ୍ଗିଆ ଆକ୍ରମଣରେ ମାଆ ଆହତ

**ଛେଣ୍ଡିପଦା, ୩୧।୧୨(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ବରପଦା ଗ୍ରାମରେ ପୁଅ ଟାଙ୍କିଆରେ ମାଆ ଆହତ ହୋଇଥିବା ନେଇ ରବିବାର ଛେଣ୍ଡିପଦା ଥାନାରେ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ ଛେଣ୍ଡିପଦା ଥାନା ଅନ୍ତର୍ଗତ ବରପଦାଗ୍ରାମର ସନ୍ତୋଷ ନାଏକଙ୍କ ସାବତ ମା ପୁଷ୍ପାଞ୍ଜଳି ନାଏକ ଶନିବାର ରାତି ପ୍ରାୟ ୧୦ ବେଳେ ଖାଇପିଇ ଶୋଇବା ପାଇଁ ଯାଉଥିବା ବେଳେ ତାଙ୍କ ସାବତ ପୁଅ ସନ୍ତୋଷ ନାଏକ ଅତ୍ୟାଧିକ ମଦ୍ୟପାନ କରି ଘରକୁ ଫେରିବା ସହିତ ତାଙ୍କ ମାଙ୍କୁ ଅସଭ୍ୟ ଗାଳିଗୁଲଜ କରିଥିଲେ। ଏହାକୁ ମା ପୁଷ୍ପାଞ୍ଜଳି ବାରଣକରିବାରୁ ସନ୍ତୋଷ ଉତ୍କ୍ଷିପ୍ତ ହୋଇ ଏକ ଟାଙ୍ଗିଆରେ ମା ପୁଷ୍ପାଞ୍ଜଳିଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା। ଟାଙ୍ଗିଆ ପୁଷ୍ପାଞ୍ଜଳିଙ୍କ ମୁଣ୍ଡରେ ବାଜି ଆହତ ହୋଇଥିଲେ। ଏନେଇ ପୁଷ୍ପାଞ୍ଜଳି ପ୍ରାଥମିକ ଚିକିତ୍ସାପରେ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୁଲିସ ଘଟଣାର ତଦନ୍ତ ଚଳାଇଛି।

## ୧୯୯୩ ମାଟ୍ରିକ ବ୍ୟାଚ୍ ବନ୍ଧୁମିଳନ



**ତାଳଚେର, ୩୧।୧୨(ସମିସ):** ତାଳଚେର ବ୍ଲକ କଳମଛୁଇଁ ପଞ୍ଚାୟତସ୍ଥିତ ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟର ୧୯୯୩ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ ସୋଲଡା ସଂରକ୍ଷିତ ଜଙ୍ଗଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୨ଜଣ ପୁରାତନ ଛାତ୍ର ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ତ୍ରିନାଥ ସାହୁ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସୁରୁଙ୍ଗୀ କଳାପାଟ ଠାକୁରାଣୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ସମସ୍ତ ବନ୍ଧୁ ଏକାଠି ହୋଇ ବିଗତ ଦିନ ସ୍ମୃତି ଚାରଣ କରିବା ସହ ଆଗାମୀ ଦିନରେ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି ନିଷ୍ପତି ନିଆଯାଇଥିଲା। କୃଷ୍ଣଚନ୍ଦ୍ର ମହାପାତ୍ର, ଗିରୀଶ ଚନ୍ଦ୍ର ପ୍ରଧାନ, ଶରତ ସ୍ୱାଇଁ, ମନୋଜ ସାହୁ, କିଶୋର ପ୍ରଧାନ, ଶ୍ରୀକାନ୍ତ ସାହୁ, କରୁଣାକର ସାହୁ, ସୁରେନ୍ଦ୍ର ସାହୁ, ଆର୍ତ୍ତତ୍ରାଣ ମାଝୀ, ପ୍ରମୋଦ ସାହୁ, କବିରାଜ ସାହୁ, ସତ୍ୟାନନ୍ଦ ସାହୁ, ଘନଶ୍ୟାମ ରଣା, ସୁଧାକର ସାହୁଙ୍କ ସମେତ ସମସ୍ତ ବନ୍ଧୁ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ସଞ୍ଜୀବ ମହାପାତ୍ର ପରିଚାଳନା କରିଥିବାବେଳେ ବିଭୂତି ଭୂଷଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

### ମଣ୍ଟୁ ମିମୋରିଆଲ କ୍ରିକେଟ୍ ଉଦ୍‌ଯାପିତ

# ଖୋର୍ଦ୍ଧାକୁ ହରାଇ ରାଉରକେଲା ଚାମ୍ପିଅନ

**କିଶୋରନଗର, ୩୧।୧୨(ସମିସ):** କିଶୋରନଗର ବର ପଡ଼ିଆରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ମ୍ୟାଚ୍‌ରେ ରାଉରକେଲା ଦଳ ଝାରସୁଗୁଡା ଦଳକୁ ୮ୱିକେଟରେ ପରାସ୍ତ କରି ଚାମ୍ପିଅନ ହୋଇଛି। ଖୋର୍ଦ୍ଧା ଦଳ ୨୦ ଓଭରରେ ୮ ୱିକେଟରେ ୧୬୯ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ରାଉରକେଲା ଦଳ ୧୮.୪ ବଲରେ ୨ୱିକେଟ ହରାଇ ୧୭୩ ରନ୍ କରି ଚାମ୍ପିଅନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଇଂ ନଳିନୀକାନ୍ତ ପ୍ରଧାନ ଯୋଗଦେଇ ଉଭୟ ଦଳଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଠମଲ୍ଲିକ ଏନ୍‌ଏସି ଅଧ୍ୟକ୍ଷା ଆଶା କମାରୀ ସାହୁ, ଜିଲ୍ଲା ପରିଷଦ ସଭ୍ୟ ଅନୁପମା ସାହୁ, ବିଷ୍ଣୁ ପ୍ରିୟା ପ୍ରଧାନ, ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଜୟକୃଷ୍ଣ ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଅମ୍ପାୟାର ଭାବେ ଟୁକୁ ବାହାଦୁର, ଅମରେଶ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ଧାରାବିବରଣୀ ପ୍ରଦାନ କରିଥିଲେ ପଲସ୍ତି ରାଉଳ, ବାବୁ ସେନାପତି। ଟୁର୍ଣ୍ଣାମେଣ୍ଟ ରେ ଶ୍ରେଷ୍ଠ ବୋଲର ଖୋର୍ଦ୍ଧାର ରାଜେଶ ଖୁଣ୍ଟିଆ, ଓ ଶ୍ରେଷ୍ଠ ବ୍ୟାଟସ୍ ମ୍ୟାନ ଭାବେ ଜ୍ୟୋତି ରଞ୍ଜନ ବେହେରାଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ମ୍ୟାନ୍ ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବେ ରାଉରକେଲାର ସୌମ୍ୟରଞ୍ଜନ ଲେଙ୍କାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସୁନୀଲ, ସମାଜସେବୀ ରୂପେଶ ପ୍ରଧାନ, ମୋତି ରଞ୍ଜନ ସାହୁ, ରଞ୍ଜନ ପ୍ରଧାନ, ବିଭୂଦତ୍ତ ପ୍ରଧାନ, ଆଶିଷ ବିଶ୍ୱାଳ, ସୁଶାନ୍ତ କୁମାର ପ୍ରଧାନ, ବିଜନ ତ୍ରିପାଠୀ, ସଞ୍ଜୟ ପ୍ରଧାନ, ସୁଧା ସାଗର ପ୍ରଧାନ, ରାଜେଶ ପ୍ରଧାନ, ରମଣୀ ରଞ୍ଜନ ସାହୁ, ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



## ଓଡ଼ିଶା ସାଇନିଂ ଆଇକନ ବାଜି ମାରିଲେ ନିକିତା

**ବଁଅଁରପାଳ ୩୧।୧୨(ସମିସ):** ଓଡ଼ିଶା ସାଇନିଂ ଆଇକନ ରାଉରକେଲା ସାଇନିଂ ରୋଷେଇ ଏକାଡେମୀ ସଂସ୍ଥା ତରଫରୁ ସାଇନିଂ ଆୱାର୍ଡର ସପ୍ତମ ସଂସ୍କରଣ ଚଳିତ ବର୍ଷ ୨୩ ତାରିଖରେ ରାଉକେଲା ଭଞ୍ଜ ଭବନ ଠାରେ ୪ଶହ ପ୍ରତିଯୋଗୀଙ୍କ ମଧ୍ୟେ ପ୍ରୀତିଯୋଗିତା ହୋଇଥିଲା। ଏଥିରେ କନିଷ୍ଠ ବିଭାଗରେ ନିକିତା ସାହୁ ସମସ୍ତଙ୍କୁ ପଛରେ ପକାଇ ବିଜୟୀ ହୋଇଥିଲେ।ଏହି ପ୍ରତିଯୋଗିତାରେ ଅତିଥି ଭାବରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଓ ବିଧାୟକ ସୁବ୍ରତ ତରାଇ ଯୋଗଦେଇ କୃତୀଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ନିକିତାଙ୍କ ଘର କେଉଁଝରରେ ହୋଇଥିବା ବେଳେ ସେ ବର୍ତ୍ତମାନ ନାଲକୋନଗରସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲର ପଞ୍ଚମ ଶ୍ରେଣୀ ଛାତ୍ରୀ।



## ଚୋରା କୋଇଲା ବୋଝେଇ ପିକ୍‌ଅପ୍ ଜବତ

**ଛେଣ୍ଡିପଦା, ୩୧।୧୨(ସମିସ):** ଅନୁଗୋଳ ଜିଲ୍ଲା ନିଶାଶିଖ୍ୱାଅଞ୍ଚଳ ଥାନା ପୁଲିସ କାଳିଆକଟା ଜଙ୍ଗଲ ରାସ୍ତାରୁ ରବିବାର ରାତିରେ ଚଢ଼ଉ କରି ଚୋରା କୋଇଲା ବୋଝେଇ ଏକ ପିକ୍‌ଅପ୍‌କୁ ଜବତ କରି ତଦନ୍ତ ଚଳାଇଛି। ଘଟଣାରୁ ପ୍ରକାଶ ଯେ ନିଶାଶିଖ୍ୱାଅଞ୍ଚଳ ଥାନା ପକ୍ଷରୁ କାଳିଆକଟା ଅଞ୍ଚଳରେ ପାଟ୍ରୋଲିଂ ଚାଲିଥିବା ବେଳେ କାଳିଆକଟା ବାଲିଚନ୍ଦ୍ରପୁର ଅଞ୍ଚଳରୁ ଏକ ପିକ୍‌ଅପ୍‌ରେ ଚୋରା କୋଇଲା ଚାଲାଣ ହେଉଥିବା ଖବର ପାଇଥିଲେ। ପୁଲିସ ଉକ୍ତ ଗାଡିକୁ ଧରିବା ପାଇଁ କାଳିଆକଟା ଜଙ୍ଗଲ ରାସ୍ତା ଠାରେ ଜଗି ରହିଥିଲା। ଏହି ସମୟରେ ଉକ୍ତ ପିକ୍‌ଅପ ଆସୁଥିବା ବେଳେ ସନ୍ଦେହରେ ଅଟକାଇଥିଲେ। ପୁଲିସକୁ ଦେଖି ପିକ୍‌ଅପ୍ ଚାଳକ ଓ ସହଯୋଗୀ ଖସି ପଳାଇଥିଲେ। ପୁଲିସ ପିକ୍‌ଅପ୍‌କୁ ଯାଞ୍ଚ କରିବାରୁ ସେଥିରେ ଚୋରା କୋଇଲା ଚାଲାଣ ହେଉଥିବା ଜଣିବାକୁ ପାଇଥିଲା। ପୁଲିସ କୋଇଲା ବୋଝେଇ ପିକ୍‌ଅପ୍‌କୁ ଜବତ କରି ଥାନାକୁ ଆଣିଛି। ଏନେଇ ନିଶାଶିଖ୍ୱାଅଞ୍ଚଳ ଥାନା କେସ ନଂ ୨୮୯/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ପୁଲିସ ସୂଚନା ଦେଇଛି।

## ମୋବାଇଲ ଚୋରି ଘଟଣାରେ ୩ ଗିରଫ

**ତାଳଚେର, ୩୧।୧୨(ସମିସ):** ତାଳଚେର ଟାଉନ ଥାନା ଅନ୍ତର୍ଗତ ରେମୁଁଆ ଗ୍ରାମ ମୁଣ୍ଡାସାହି ଅଞ୍ଚଳର ସିଦ୍ଧାର୍ଥ ଭୋଇ ଓରଫ (ଜଗା) ତାଳଚେର ଅରାସାହି ଅଞ୍ଚଳର ଆକାଶ କୁମାର ସାହୁ(୨୬) ଓ ବିହାର ଅଞ୍ଚଳର ରାହୁଲ କୁମାର (୨୧) ମୋବାଇଲ୍ ଚୋରି ଘଟଣାରେ ପୁଲିସ୍ ଠାବ କରି ଗିରଫ କରିଛି। ଉକ୍ତ ୩ଜଣ ଯୁବକ ମୋବାଇଲ ଚୋରି କରି ନେଇଯାଇଥିବା ଘଟଣା ଥାନାରେ ଅଭିଯୋଗ ହେବାପରେ ପୁଲିସ୍ ଏହାର ତଦନ୍ତ କରି ଉକ୍ତ ୩ଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ଚୋରା ମଦ କାରବାର ବୃଦ୍ଧି

**କିଶୋରନଗର, ୩୧।୧୨(ସମିସ):** କିଶୋରନଗର ଓ ହଣ୍ଡପା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚୋରାରେ ଦେଶୀ ବିଦେଶୀ ମଦ ବିକ୍ରୀ ହେଉଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ପ୍ରକାଶ ଯେ ଏବେ ପୁଲିସ ଓ ଅବକାରୀ ବିଭାଗର ଅପାରଗତା ଯୋଗୁଁ ବିଭିନ୍ନ ସ୍ଥାନରେ ଚୋରାରେ ମଦ କାରବାର ବୃଦ୍ଧି ଯୋଗୁଁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ପୁଲିସ ଓ ଅବକାରୀ ବିଭାଗର କିଛି ଅଧିକାରୀଙ୍କ ଚୋରା ମଦ ବେପାରୀଙ୍କ ସହ ସଲାସୁତରା ଯୋଗୁ ମଦ କାରବାର ବୃଦ୍ଧି ପାଉଥିବା ସାଧାରଣରେ ଅଭିଯୋଗ ହେଉଛି।




# ରାସ୍ତା ଉପରେ ମାଟି ଗଦା; ବଢୁଛି ଦୁର୍ଘଟଣା



**ତାଳଚେରସହର, ୩୧।୧୨(ସମିସ)**

ଟେଲିକମ କମ୍ପାନୀ କର୍ମଚାରୀଙ୍କ ଦବଙ୍ଗଗିରି। ରାସ୍ତା ଖୋଳି ରାସ୍ତା ଉପରେ ମାଟି ଗଦେଇ କରୁଛନ୍ତି ଫାଇବର କେବୁଲ ବିଛେଇବା କାର୍ଯ୍ୟ। ରାସ୍ତା ଉପରେ ବେନିୟମ ଭାବେ ମାଟି ଗଦା ହେବା ଦ୍ୱାରା ବହୁ ବାଇକ୍ ଆରୋହୀ ଦୁର୍ଘଟଣାର ଶିକାର ହେଉଛନ୍ତି। କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷ କେଉଁ ସ୍ୱାର୍ଥ ପାଇଁ ନୀରବ ଦ୍ରଷ୍ଟା ପାଲଟିଛି ତାହା ସମାଲୋଚନାର ବିଷୟ ପାଲଟିଛି। ପ୍ରାଥମିକ ସୂଚନା ମୁତାବକ ଅନୁଗୁଳ ଜିଲ୍ଲା ତାଳଚେର ବ୍ଲକ ଅନ୍ତର୍ଗତ ହାଣ୍ଡିଧୁଆଁ ଛକ ଠାରୁ ଆରମ୍ଭ କରି ପ୍ରଧାନ ଗ୍ୟାସ ଏଜେନ୍ସି ପର୍ଯ୍ୟନ୍ତ ରାସ୍ତାର ବାମ ପାର୍ଶ୍ୱରେ କୌଣସି ଏକ ଟେଲିକମ କମ୍ପାନୀ ଫାଇବର କେବୁଲ୍ ବିଛାଇବା ନିମନ୍ତେ ରାସ୍ତା ମଝିରେ ଗର୍ତ୍ତ କରି ଅଣ୍ଡର ୱେୟାରିଂ କରୁଛି। ଯାହା ଦ୍ୱାରା ବିରାଟ ଗର୍ତ୍ତମାନ ଦୀର୍ଘ ଦିନ ଧରି ଖୋଲା ରଖିବା ସହିତ ରାସ୍ତା ଉପରେ ମାଟି ଗଦାହୋଇ ପଡ଼ି ରହୁଛି। ରାସ୍ତା କଡ଼ରେ ମାଟି ଖୋଳା ମେସିନ ବେଆଇନ ପାର୍କିଂ ହୋଇଛି। ରାସ୍ତାରେ ଗର୍ତ୍ତ ହୋଇଥିବା ନେଇ କିମ୍ବା ଆଗରେ କାର୍ଯ୍ୟ ହେଉଥିବା ନେଇ କୌଣସି ସୂଚନା ଫଳକ କମ୍ପାନୀ ପକ୍ଷରୁ ଲଗାଯାଇ ନାହିଁ। କିମ୍ବା ମାଟି ଖୋଳା ଯାଇଥିବା ସ୍ଥାନରେ ସୁରକ୍ଷା ବାଡ ଦିଆଯାଇନାହିଁ। ଫଳତଃ ଅନେକ ଗାଡ଼ି ଗର୍ତ୍ତରେ ପଡ଼ି ଖଣ୍ଡିଆ ଖାବରା ହେବା ନଜିର ରହିଛି। ଏହା ବ୍ୟତୀତ ରାସ୍ତା ଖୋଳିସାରିବା ପରେ କାର୍ଯ୍ୟ କରୁଥିବା କମ୍ପାନୀ ଏହାର ମରାମତି ନ କରି ଗର୍ତ୍ତ ହୋଇଥିବା ସ୍ଥାନରେ ଖାଲି ମାଟି ପକାଇ କାମ ସାରିଦେଉଛି। ଆଗାମୀ ଦିନରେ ବର୍ଷା ହେଲେ ରାସ୍ତାରେ ମାଟି ପଡ଼ି ଚିକିଟା ହୋଇ ଅନେକ ଦୁର୍ଘଟଣା ଘଟିବା ନେଇ ଆଶଙ୍କା କରାଯାଏ। ତତସହିତ ଗର୍ତ୍ତରେ ପାଣି ପଶି ଧିରେଧିରେ ପିଚୁ ଭାଙ୍ଗିବା ଆରମ୍ଭ ହେବ। ଉକ୍ତ କମ୍ପାନୀକୁ ସଠିକ୍ ପଦ୍ଧତିରେ କାର୍ଯ୍ୟନିର୍ବାହ କରିବା ପାଇଁ ତାଳଚେର ଉପଜିଲ୍ଲାପାଳ ମନୋଜ ତ୍ରିପାଠୀ ତାଗିଦ୍ କରିବା ନେଇ ସାଧାରଣରେ ଦାବି ହୋଇଛି।














# ମୁଖ୍ୟ ରାସ୍ତାକୁ ଅବରୋଧ କରି ଚାଲିଛି ବେପାର

## କେବେ ଭାଙ୍ଗିବ ପ୍ରଶାସନର ନିଦ



**ଡେରା, ୩୧।୧୨(ସମିସ)**

ଲିଙ୍ଗରାଜ କୋଇଲା ଖଣିର ମହାପ୍ରବନ୍ଧଙ୍କ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାକୁ ଜବରଦଖଲ କରି ଚାଲିଛି ବେଧଡକ ବେପାର। ସୂଚନା ଅନୁସାରେ ଆଇଟିଆଇ ଛକରୁ ଲିଙ୍ଗରାଜ ଖଣି କାର୍ଯ୍ୟାଳୟକୁ ଯିବା ରାସ୍ତା ଗୁରୁଦ୍ୱାର ନିକଟରେ ଏକ ରଡ ସିମେଣ୍ଟ ଗୋଦାମ ରହିଛି। ଏହି ଠାରେ ଦୈନିକ ପରିବାହାଟ ମଧ ଅଛି। ଏହି ଦୈନିକ ହାଟରେ ସକାଳ ୬ ଟାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ଗ୍ରାହକଙ୍କ ଭିଡ଼ ମଧ ଜମିଥାଏ। କିନ୍ତୁ ବଡ଼ ଦୁଃଖ ଦାୟକ କଥା ପ୍ରତ୍ୟେକ ଦିନ ଜନସାଧାରଣଙ୍କ ରାସ୍ତା ଉପରେ ବ୍ୟବସାୟୀ ଜଣଙ୍କ ବଡ଼ ବଡ଼ ଟ୍ରକ୍‌ରେ ରଡ଼ ଓ ସିମେଣ୍ଟ ଲୋଡ଼ ଏବଂ ଅନଲୋଡ଼ କରନ୍ତି। ସାଧାରଣଲୋକ ପଚାରିଲେ ବେଖାତିର ଭାବ ଦେଖାଉଥିବା ଅଭିଯୋଗ ହେଉଛି। ଏନେଇ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି। ଏଥିପ୍ରତି ସ୍ଥାନୀୟ ପ୍ରଶାସନଙ୍କ ଦୃଷ୍ଟି କେବେ ପଡ଼ିବ ନାଁ ପ୍ରଶାସନ ଜାଣି ଅଜଣାର ଅଭିନୟ କରୁଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ପୂର୍ବରୁ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ମଧ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ତୁରନ୍ତ ଉକ୍ତ ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

# ସାଉଥ୍ ବଲଣ୍ଡା କଲୋନୀ ଆବର୍ଜନାରେ ଭର୍ତ୍ତି



**ତାଳଚେର, ୩୧।୧୨(ସମିସ):** ତାଳଚେର ଜଗନ୍ନାଥ ଏରିଆ ଅଧିନସ୍ଥ ସାଉଥବଲଣ୍ଡା କ୍ୱାର୍ଟର ନଂ-ଏମ୍‌କ୍ୟୁ ୯୭ରୁ ଏମକ୍ୟୁ-୧୧୬ ନମ୍ବର କ୍ୱାର୍ଟର ପର୍ଯ୍ୟନ୍ତ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇ ରହିଥିବାରୁ ଦୁର୍ଗନ୍ଧରେ ନାକଫାଟି ପଡୁଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସେଠିକାର କଲୋନୀବାସୀ ଏମ୍‌ସିଏଲ ଓଭରସିଓ ଓ ଇଞ୍ଜିନିୟରକୁ ବାରମ୍ବାର ଅଭିଯୋଗ କରୁଥିଲେ ମଧ କେହି ଦୃଷ୍ଟି ଦେଉନଥିବା ପରିତାପର ବିଷୟ ହୋଇଛି। ସମ୍ପୃକ୍ତ ଏମ୍‌ସିଏଲ କର୍ମଚାରୀମାନେ ବିଲ୍ ଉପରେ ବିଲ୍ କରି ଠିକାଦାରକୁ ପୋଷିବା ସାର ହେଉଥିବା ବେଳେ କିନ୍ତୁ ଅଳିଆ ଆବର୍ଜନା ହଟିବାର ନାଁ ଧରୁ ନାହିଁ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏପରିକି, ସେହି କଲୋନୀବାସୀ ଅତିଷ୍ଠ ହୋଇ କେହି କବାଟ ଝରକା ଅନବରତ ଘରେ ରହୁଥିବା ବେଳେ ଆଉ କେହି ଏମସିଏଲ କ୍ୱାର୍ଟର ଛାଡି ଭଡା ଘରେ ରହିବା ପାଇଁ ପରିସ୍ଥିତ ବାଧ କରୁଛି ବୋଲି ସେମାନେ ମତପ୍ରକାଶ କରୁଛନ୍ତି। ପଲିଥିନ ସାଙ୍ଗକୁ ଛିଣ୍ଡା କପଡ଼ା, କାଗଜ, ଅଳିଆ ଆବର୍ଜନା ଇତ୍ୟାଦି କ୍ୱାର୍ଟର ପଛପାଖ୍ୱର୍ରେ ଓ ସମ୍ମୁଖରେ ଗଦା ହୋଇ ରହିଥିବାରୁ ଅନ୍ତେବାସୀ ନାହିଁ ନଥିବା ଅସୁବିଧାରେ ଚଳୁଛନ୍ତି। ତେଣୁ ଏମ୍‌ସିଏଲ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ କଲୋନୀବାସୀ ଦାବି କରିଛନ୍ତି।

# ଅନୁଗୋଳର ପରମ୍ପରା



**ଡକ୍ଟର ଧରଣୀଧର ନାଥ**
ପ୍ରାକ୍ତନ ସଭାପତି,
ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

ଅନୁଗୋଳର ବୈଚିତ୍ର ହେଉଛି ତାହାର ଭୌଗୋଳିକ ଅବସ୍ଥିତି। ଏହି ବିଶିଷ୍ଟ ଭୌଗୋଳିକ ଅବସ୍ଥାନ ଯୋଗୁଁ ଅନୁଗୋଳ ତା'ର ପରମ୍ପରା, କଳା, ସାହିତ୍ୟ ଇତ୍ୟାଦି ସବୁ କ୍ଷେତ୍ରରେ ସ୍ୱତନ୍ତ୍ରତା ସୃଷ୍ଟି କରିଛି। ପୂର୍ବ ଓଡ଼ିଶା ଓ ପଶ୍ଚିମ ଓଡ଼ିଶାର ମଧ୍ୟବର୍ତ୍ତୀ ରହି ନିଜର ଲୋକସଂସ୍କୃତି, କଳା, ସାହିତ୍ୟ, କ୍ଷେତ୍ରରେ ଅନନ୍ୟତା ରକ୍ଷା ସହ ଆଦିବାସୀ ଜୀବନ ଓ ସଂସ୍କୃତିରୁ ଅନେକ ଉପାଦାନ ମଧ ଏକୀଭୂତ କରିପାରିଛି। ଅନେକ ଶିଳ୍ପ ପ୍ରତିଷ୍ଠା ସତ୍ତ୍ୱେ ଅନୁଗୋଳର ଲୋକସଂସ୍କୃତି ଆହୁରି ବିକଶିତ ହେବାରେ ଲାଗିଛି। ଅନୁଗୋଳର ବିଭବ ବା ସମ୍ପତିରେ ପରିଣତ ହୋଇଛି। ଏହି ଲୋକସଂସ୍କୃତି, ଲୋକସାହିତ୍ୟ, ଲୋକକଳା, ଲୋକାଗର, ଲୋକଜୀବନକୁ ନେଇ ସମୃଦ୍ଧ।

### ପରମ୍ପରା:

ଅନୁଗୋଳର ପରମ୍ପରା ଏକ ଚିରନ୍ତନୀ ସ୍ରୋତସ୍ୱିନୀ ପ୍ରବାହ। ଏକ ଚେତନା।ଏହି ପରମ୍ପରା ଇତିହାସ, ଭୂଗୋଳ, ଦର୍ଶନ, ସଂସ୍କୃତି, ସାହିତ୍ୟ, କଳା, ସ୍ଥାପତ୍ୟ, ଧର୍ମ, ଆଗର, ବିୟର, ଲୋକଚଳଣି, ଲୋକବିଶ୍ୱାସ, ପର୍ବପର୍ବାଣି ତଥା ସାମଗ୍ରିକ ଜୀବନବୋଧର ସାମୂହିକ ପ୍ରକାଶ। ଏହି ପରମ୍ପରାଟି ଦିନକରେ ତିଆରି ହୋଇନାହିଁ। କେହି ଜଣେ ଏହାର ନିର୍ମାତା ନୁହଁନ୍ତି। ପରମ୍ପରା ଅନୁଗୋଳ ଆତ୍ମାର ଅଭିବ୍ୟକ୍ତି। ଅନୁଗୋଳକୁ ଚିହ୍ନିବାକୁ ହେଲେ, ତାର ପାରମ୍ପରିକ ଜୀବନଧାରାକୁ ଚିହ୍ନିବାକୁ ହେବ। ଅନୁଗୋଳ ପରମ୍ପରା ମୁଖ୍ୟତଃ ବୃତ୍ତିଗତ ତିନୋଟି ବିଭାଗକୁ ନେଇ ଗଢ଼ିଉଠିଛି। କୃଷି, ସାମାଜିକ ଅନୁଷ୍ଠାନ ଓ କାରିଗିରୀ ଶିଳ୍ପ। ଅନୁଗୋଳରେ ଆର୍ଯ୍ୟ ଓ ଦ୍ରାବିଡ଼ ସଂସ୍କୃତିର ପ୍ରସାର ପୂର୍ବରୁ ଆଦିବାସୀ ବା ଆଦିମ ଅଧୀବାସୀ ଅଧ୍ୟଷିତ ଅଞ୍ଚଳ ଭାବରେ ଏହି ଆଦିବାସୀ ପରମ୍ପରା ଓ ସଂସ୍କୃତିର ବାହାକ ଥିଲା। ଭାଲେ ପ୍ଲାଇନ୍ ବଲ ୧୮୭୫ରେ ଅନୁଗୋଳ କାଳିଆ କଟା, ତାଳଚେରର ହରିଚନ୍ଦନପୁରରୁ ପ୍ରସ୍ତର ଯୁଗର ଉପକରଣ ଆବିଷ୍କାର କରିଥିଲେ। ଏହା ପରେ ଅନେକ ପ୍ରତ୍ନତତ୍ତ୍ୱବିଦ୍ ତାଳଚେର, ପାଲଲହଡ଼ା ଓ ସିଙ୍ଗଡା ନଦୀ ଉପତ୍ୟକାରୁ ପ୍ରାଚୀନ ପ୍ରସ୍ତର ଯୁଗର ଅନେକ ଅସ୍ତ୍ରଶସ୍ତ୍ର ପାଇଥିଲେ। ଏହି କ୍ରମରେ ଅନୁଗୋଳର ପରମ୍ପରାକୁ ଆଦିବାସୀ ପରମ୍ପରା ବହୁଭାବରେ ପ୍ରଭାବିତ କରିଛି। ଓଡ୍ର ଭୂଖଣ୍ଡର ମଧ ଭାଗରେ ଅନୁଗୋଳର ଅବସ୍ଥିତି ଯୋଗୁଁ ହିଁ ଦ୍ରାବିଡ଼ ଓ ଆର୍ଯ୍ୟ ସଂସ୍କୃତି ଏହାର ସାମଗ୍ରିକ ପରମ୍ପରାରେ ଅଭିନ୍ନ ଭାବରେ ସମନ୍ୱିତ ହୋଇଛି। ନାଗ ମାନଙ୍କର ଅନେକ ରୀତିନୀତି ମଧ ଅନୁଗୋଳ ପରମ୍ପରାର ଅଙ୍ଗ ହୋଇଯାଇଛି। ସିନ୍ଦୂର ହେଉଛି ନାଗଚୂର୍ଣ୍ଣ। ଆଜିତାହା ହିନ୍ଦୁ ବିବାହର ଅବିଚ୍ଛେଦ୍ୟ ଅଙ୍ଗ ହୋଇଯାଇଛି। ଅନୁଗୋଳବାସୀମାନେ ପିତୃତର୍ପଣ, ପିଣ୍ଡଦାନ, ସ୍ତମ୍ଭପୂଜା ପରି ଅନେକ ଅନୁଷ୍ଠାନ ଆଦିବାସୀ ସଂସ୍କୃତିରୁ ଗ୍ରହଣ କରିଛନ୍ତି। ଅନୁଗୋଳରେ ପାଳିତ ଓଷାବ୍ରତ, ଗ୍ରାମଦେବଦେବୀ, ରଥାଯାତ୍ରା, ଦୋଳଯାତ୍ରା, ରଜପର୍ବ, ଦଣ୍ଡନାଟ ପ୍ରଭୃତି ଆଦିବାସୀ ମାନଙ୍କର।

### ଲୋକସାହିତ୍ୟ:

ଅନୁଗୋଳର କାନ୍ଦଣାଗୀତ, ଖେଳଗୀତ, ପର୍ବପର୍ବାଣି ଆଧାରିତ ଗୀତ, ଶିଶୁଗୀତ, ଢଗଢମାଳି, ପ୍ରବାଦ ଆଦି ଲୋକସାହିତ୍ୟର ଅମୂଲ୍ୟ ବିଭବ। ଅନୁଗୋଳ ସାହିତ୍ୟର ଏହା ମୂକ ରୂପ। ଆଦିମାନବକହିବା ଓ ଶୁଣିବା ପ୍ରବୃତ୍ତିରୁ ସୃଷ୍ଟି ହୋଇଥିବା ଲୋକକାହାଣୀ ଏବେ ବି ଗ୍ରାମାଞ୍ଚଳରେ ବଞ୍ଚି ରହିଛି।

### ଲୋକକଳା:

ଲୋକମାନଙ୍କର ଦୈନନ୍ଦିନ ଜୀବନରେ ଆସୁଥିବା କଳା ହିଁ ଲୋକକଳା। ବୟନକଳା, ମୃଣ୍ମୟକଳା, ଆଭୂଷଣ କଳା, ଲୌହକଳା, ଲଳିତକଳା, ଚିତ୍ର କଳା ଏହି କଳାର ଅନ୍ତର୍ଭୁକ୍ତ। ଏହାବ୍ୟତୀତ ଅନୁଗୋଳରେଦଣ୍ଡନାଚ, ବଣ୍ଡିନାଚ, ପାଇକଆଖଡା, ପାଲା, ଲଉଡିନାଟ, ଦାସକାଠିଆ, କରମା ପ୍ରଭୃତି ଅନୁଗୋଳ ପରମ୍ପରାର ପ୍ରତୀକ।

### ଲୋକାଚାର :

ଲୋକପ୍ରଥା, ଲୋକବିଶ୍ୱାସ, ଲୋକଧର୍ମ, ଗାଁ ଗହଳିରେ ପୂଜା ପାଉଥିବା ଲୋକଦେବତା, ଲୋକଚଳଣି ପ୍ରଭୃତି ଅନୁଗୋଳବାସୀଙ୍କର ଲୋକାନ୍ତର ଭାବେ ଗୃହୀତ।

### ଲୋକଜୀବନ:

ଖାଦ୍ୟସଂସ୍କୃତି, ଲୋକଭାଷା, ପ୍ରସାଧାନ, ଲୋକ ପର୍ବପର୍ବାଣି, ଲୋକକ୍ରୀଡ଼ା, ଲୋକଚିକିତ୍ସା ଇତ୍ୟାଦିକୁନେଇ ଅନୁଗୋଳର ଲୋକଜୀବନ ଅନୁଗୋଳର ସାଂସ୍କୃତିକ ଚେତନାର ଏକ ମହତ୍ତ୍ୱପୂର୍ଣ୍ଣ ବିଭାଗ। ସୁଦୁଶାବ୍ରତ, ସାବିତ୍ରୀବ୍ରତ, ସୋମନାଥ ବ୍ରତ, ଖୁଦୁରୁକୁଣୀ ଓଷା, ଜହ୍ନିଓଷା, ଡ଼ଙ୍ଗଭସା, ଜୁରାଇଞ୍ଜି, ମାଣବସା, ଆଦି ଓଷାବ୍ରତ ଗୁଡିକ ପାଳନ କରାଯାଏ। ଗ୍ରାମାଞ୍ଚଳରେ ଲକ୍ଷ୍ମୀପୂଜା, ଦୁର୍ଗାପୂଜା, କାଳୀପୂଜା, କାର୍ତ୍ତିକେଶ୍ୱର ପୂଜା ଆଦି ଅନୁଷ୍ଠିତ ହୁଏ। କାଚକଉଡ଼ି, କଉଡ଼ିଖେଳ, ଗିଲଖେଳ, ଅନ୍ଧପୁତୁଳି, ନଟୁ ଖେଳ, ଚକାଭଉଁରୀ, ଡୁଡୁ, କିତିକିତି, ପୁଚି, କବାଡ଼ି, ଫୁଟବଲ, ଭଲିବଲ, କ୍ରିକେଟ୍ ଇତ୍ୟାଦି ଖେଳ ଅନୁଗୋଳର ଖେଳାଳିମାନେ ଖେଳିଥାନ୍ତି।

### ଅନୁଗୋଳୀ ଖାଦ୍ୟସଂସ୍କୃତି:

ଅନୁଗୋଳର ଖାଦ୍ୟସଂସ୍କୃତି ଅତ୍ୟନ୍ତ ନିଆରା। ମୁଖ୍ୟ ଖାଦ୍ୟ ହେଉଛି ଉଷୁନା ଭାତ। ଖରାଦିନେ ପ୍ରିୟଖାଦ୍ୟ ପଖାଳ। ପଖାଳ ନିମିତ୍ତ ପ୍ରତ୍ୟେକ ବ୍ଲକର ରଷୀମାନେ ସ୍ୱର୍ଣ୍ଣ, ପୂଜା, ହଜାର-୨୫, କଳାଚମ୍ପା, କଳାଜିରା ଆଦି ଧାନରଷ କରିଥାନ୍ତି। ବିଭିନ୍ନ ପର୍ବପର୍ବାଣିରେ ଚକୁଳି, ମୋଟା ଚକୁଳି, ପୋଡ଼ପିଠା, ଗଇଁଠାଚିତୋଉ, ଛୁପତ୍ର, ଗର୍ଭମଣ୍ଡା ପ୍ରଭୃତି ଅସଂଖ୍ୟ ପ୍ରକାରର ପିଠାପଣା, ଖିରି, ଖିରିସା ଅନୁଗୋଳର ଘରେଘରେ ବିଭିନ୍ନ ପର୍ବପର୍ବାଣିମାନଙ୍କରେ ତିଆରି ହୁଏ।

### ଅନୁଗୋଳୀ କଥିତ ଭାଷା:

ଅନୁଗୋଳ ଓଡ୍ର ଭୂଖଣ୍ଡର ମଧ ଭାଗରେ ଅବସ୍ଥିତ। ଭରତମୁନିଙ୍କ ଭାଷାରେ ଓଡ୍ର ଭୂଖଣ୍ଡରେ ପ୍ରଚଳିତକ୍ଷେତ୍ର ବା ଓଡ୍ର ବିଭାଷା ଏକ ଲୋକପ୍ରିୟ କଥିତ ଭାଷା ଥିଲା। ଅନୁଗୋଳ ଅଳରେ ଏକ କଥିତ ଭାଷାର ବିକଶିତରୂପ ହେଉଛି ଆଧୁନିକ ଓଡିଆ ଭାଷା। ଅନୁଗୋଳରେ କଥିତ ଓଡ଼ିଆ ଭାଷାର କଥନ ଭଳି ପ୍ରତ୍ୟେକ ଉପଖଣ୍ଡରେ ଦେଖାଯାଏ। ଅନୁଗୋଳ ଜିଲ୍ଲାରେ ପ୍ରଚଳିତ କଥଭାଷାକୁ ଆଠମଲ୍ଲିକ, ଛେଣ୍ଡିପଦା, ଅନୁଗୋଳ, କଣିହାଁ ଓ ପାଇଲହଡାକୁ କେନ୍ଦ୍ରରେ ରଖି ପାର୍ଟି ଭାଗରେ ବିଭକ୍ତ କରାଯାଇପାରେ। ଅନୁଗୋଳର ପରମ୍ପରା ଓ ଲୋକସଂସ୍କୃତି ସୁରକ୍ଷା ଦିଗରେ ବ୍ଲାକଡାଇମଣ୍ଡର ନିର୍ମାଣ ଏକ ଚିରନ୍ତନୀସ୍ମାରକୀ ରୂପେ ପରିଚିତ। ଆମ ପରମ୍ପରା ଆମର ସ୍ୱଭିମାନ। ତାକୁ ବର୍ଜନ କଲେ ଆମର ମର୍ଯ୍ୟଦାବନ୍ତ ସଂସ୍କୃତି ବିପନ୍ନ ହେବ। ଏହାର ପ୍ରାଣଶକ୍ତି ଅଛି। ଏହା ଆମର ଆଧାରଶିଳା।ଏହି ଆଧାରଶିଳା ପ୍ରତିଆନୁଗତ୍ୟ ଓ ସୁରକ୍ଷା ପ୍ରତ୍ୟେକ ଅନୁଗୋଳବାସୀଙ୍କ ଧେୟ ହେବା ବିଧେୟ।

# ବାଜି ରାଉତ ସ୍ମୃତି ପାଠାଗାରରେ ବାର୍ଷିକ ସାସ୍କୃତିକ କାର୍ଯ୍ୟକ୍ରମ



**କଣିହାଁ, ୩୧।୧୨(ସମିସ):**'ସୃଜନୀ କଣିହାଁ' ପକ୍ଷରୁ ରବିବାର ଦିନ ଗଦାଶିଳାସ୍ଥ ବାଜି ରାଉତ ସ୍ମୃତି ପାଠାଗାର ଠାରେ ବାର୍ଷିକ ସାସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଗତିଶୀଳ ପ୍ରବନ୍ଧ ଲିଖନ, ସଙ୍ଗୀତ ଗାନ, ଚିତ୍ରାଙ୍କନ, ବକ୍ତୃତା ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୃଜନୀ କଣିହାଁର ଉପଦେଷ୍ଟା ଜୟସେନ୍ ମେହେରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନବକିଶୋର ପ୍ରଧାନ ଯୋଗଦେଇ କଳା, ବିଜ୍ଞାନ, ସଙ୍ଗୀତ, ସାହିତ୍ୟ, ସଂସ୍କୃତି ଓ କ୍ରୀଡା କ୍ଷେତ୍ରରେ ପ୍ରତିଭା ସୃଷ୍ଟି ଉଦ୍ଦେଶ୍ୟରେ 'ସୃଜନୀ କଣିହାଁ' ଗଠନ କରାଯାଇଛି ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ନାରାୟଣ ନାୟକ ଓ ପ୍ରହ୍ଲାଦ ଚନ୍ଦ୍ର ସାହୁ ଯୋଗଦେଇ ଉନ୍ନତ ରୁଚି ସଂସ୍କୃତି ଆଧାରରେ ନିଜକୁ ଗଢିତୋଳି ଭଲ ମଣିଷ ହେବାକୁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନ ଉଦ୍ୟୋଗରେ ଆସନ୍ତା ୧୪ ଜାନୁଆରୀ ୨୦୨୪ ଦିନ ପୂର୍ବାହ୍ନ ୯ ଘଟିକା ସମୟରେ କବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ଗଦାଶିଳାସ୍ଥ ବାଜି ରାଉତ ସ୍ମୃତି ପାଠାଗାର ଠାରେ ପାଳିତ ହେବ ବୋଲି ସ୍ଥିର କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଟୁନା ନାଏକ, ଦୁଃଖିଶ୍ୟାମ ମଲ୍ଲୀକ, ଅଭୟ ନାଏକ, ନୀଳମଣି ସାହୁ ଓ ପ୍ରଗତିବାଳା ନାୟକ ସହଯୋଗ କରିଥିଲେ।

# ଗୋପାଳଜୀ ଭଲିବଲ କପ୍ ; ସନ୍ଥପଡ଼ା ଚାମ୍ପିଅନ



**କଣିହାଁ, ୩୧।୧୨(ସମିସ):**ଗୋପାଳଜୀ ସ୍ପୋର୍ଟସ କମିଟି କଂସମୁଣ୍ଡା ଆନୁକୂଲ୍ୟରେ ପ୍ରଥମ ଗୋପାଳଜୀ ଭଲିବଲ କପ୍ ଟୁର୍ଣ୍ଣାମେଣ୍ଟ କଣିହାଁ ପଞ୍ଚାୟତ କଂସମୁଣ୍ଡା ଗ୍ରାମର ଯାତ୍ରା ପଡ଼ିଆରେ ହୋଇଥିଲା। ଉଦ୍‌ଘାଟନୀ ମ୍ୟାଚ୍‌ରେ ଅତିଥି ଭାବେ ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମ ସ୍ୱାଧୀନ ନିର୍ଦ୍ଦେଶକ କାଳନ୍ଦି ସାମଲ, କଣିହା ସରପଞ୍ଚ ରଞ୍ଜିତା ବେହେରା, ଜିଏମ ଏନ୍‌ଟିପିସି ରଫିକୁଲ୍ ଇସଲାମ, , ଏନଟିପିସି ଅଧିକାରୀ ଧନେଶ୍ୱର ନାୟକ ଉତ୍ସବ ସ୍ୱାଇଁ ସଭାପତି ଗ୍ରାମ୍ୟ କମିଟି କଂସମୁଣ୍ଡା, ଶିକ୍ଷାବିତ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉଦ୍‌ଘାଟନୀ ମ୍ୟାରେରେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥଲେ। ସନ୍ଥପଡ଼ା ଟିମ୍ ଚାମ୍ପିଅନ ହୋଇଥିବା ବେଳେ ପଥରମୁଣ୍ଡା ଟିମ ରନର୍ସ ଅପ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ବିରଞ୍ଚି ସାହୁ ସଭାପତି ଆଞ୍ଚଳିକ ଠିକା ମଜଦୂର ସଂଘ, କାର୍ତ୍ତିକ ମଲ୍ଲିକ କନିଷ୍ଠ ଯନ୍ତ୍ରୀ କଣିହାଁ ବ୍ଲକ, ପ୍ରାକ୍ତନ ସମିତି ସଭ୍ୟ ତଥା ସମ୍ପାଦକ ଗ୍ରାମ୍ୟ ବିକାଶ ଟ୍ରଷ୍ଟ କଂସମୁଣ୍ଡା, ଦେବେନ୍ଦ୍ର ବାରିକ ସଂଘ, ବିନାୟକ ପ୍ରଧାନ ଶିକ୍ଷକ, ସିପୁନ ସାହୁ ସଭାପତି ଗୋପାଳଜୀ ସ୍ପୋର୍ଟସ କମିଟି କଂସମୁଣ୍ଡା, ବାବୁଲି ସାହୁ ସମ୍ପାଦକ, ଲକ୍ଷ୍ମୀକାନ୍ତ ସାହୁ କୋଷାଧ୍ୟକ୍ଷ ସମେତ ସମସ୍ତ ଆୟୋଜକ ପ୍ରମୁଖ ଉପସ୍ଥିତ ରହି ଚାମ୍ପିଅନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏନ୍‌ଟିପିସି ଟେଣ୍ଟ, ସାଉଣ୍ଡ ଏବଂ ଖେଳାଳିଙ୍କ ପାଇଁ ଜଳପାନ ବ୍ୟବସ୍ଥା କରିଥିବା ବେଳେ ଗ୍ରାମ୍ୟ ବିକାଶ ଟ୍ରଷ୍ଟ, କଂସମୁଣ୍ଡା, ସହାୟତା କରିଥିଲେ। ଅରୁଣ କୁମାର ପ୍ରଧାନ, ଜୀବନ ବେହେରା, ବଳରାମ ବେହେରା, ମନୋଜ କୁମାର ପ୍ରଧାନ, ପାପୁନ ପ୍ରଧାନ, ଅରୁଣ କୁମାର ସାହୁ, ଅଭିମନ୍ୟୁ ସ୍ୱାଇଁ, ରଞ୍ଜନ କୁମାର ସାହୁ, ଶିବାନନ୍ଦ ପ୍ରଧାନ ପ୍ରମୁଖ ସକ୍ରୀୟ ସହୋଯୋଗ କରିଥିଲେ। ଉଦିତ କୁମାର ଗଡ଼ନାୟକ, ଅନିଲ କୁମାର ପ୍ରଧାନ, ତପନ କୁମାର ପ୍ରଧାନ ଓ ବିଜୟ କୁମାର ବାଗ ରେଫରି ଭାବରେ ମ୍ୟାଚ୍‌କୁ ପରିଚାଳନା କରିଥିବା ବେଳେ ନଗେନ୍ଦ୍ର କୁମାର ନାଥ ଧାରା ବିବରଣୀ ପ୍ରଦାନ କରିଥିଲେ।

# ପ୍ରଦୂଷଣ ବଢ଼ାଉଛି ଟାୟାର ରିସୋଲ କମ୍ପାନୀ

**ତାଳଚେରସହର, ୩୧।୧୨(ସମିସ):** ଅନୁଗୁଳ ଜିଲ୍ଲା ତାଳଚେର ବ୍ଲକ ଏବଂ ବଅଁରପାଳ ବ୍ଲକ ସୀମାନ୍ତ ଅଞ୍ଚଳ ତେହେରାନପୁର ଏଫସିଆଇ ଛକ ଠାରୁ ସାମାନ୍ୟ ଦୂରରେ ଆଦ୍ୟାସା ପେଟ୍ରୋଲ ପମ୍ପ ସମ୍ମୁଖରେ ଥିବା ଟାୟାର ରିସୋଲ କମ୍ପାନୀ ଖମ୍ବେଶ୍ୱର ଟାୟାର ମାତ୍ରାଧିକ ପ୍ରଦୂଷଣ କରୁଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଦୀର୍ଘ ଦିନ ଧରି ଏହି କମ୍ପାନୀ ଟାୟାର ରିସୋଲ କରି ଆସୁଥିବା ବେଳେ ଧୂଆଁ ଏବଂ ଟାୟାରର ଦୁର୍ଗନ୍ଧରେ ଅଞ୍ଚଳବାସୀ ଅତିଷ୍ଠ ହୋଇପଡ଼ିଲେଣି।।ଏହି କମ୍ପାନୀ ପାଖରେ ଥିବା ଲାଇସେନ୍ସର ଅବଧି ଶେଷ ହୋଇଯାଇଥିବା ବେଳେ ଏହାର ପୁନଃ ପଞ୍ଜୀକରଣ ନ କରି କମ୍ପାନୀ ଚଲାଯାଉଥିବା ନେଇ କିଛି ବୁଦ୍ଧିଜୀବୀ ସୂଚନା ଦେଇଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ଜନିତ କାର୍ଯ୍ୟନକରି କମ୍ପାନୀ ଚଳାଉଥିବା ଅଭିଯୋଗ ହୋଇଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।



# 'ସକାଳ' ଅନୁଗୋଳ ଜିଲ୍ଲା ସାମ୍ବାଦିକଙ୍କ ବନ୍ଧୁମିଳନ



**ଅନୁଗୋଳ, ୩୧।୧୨(ସମିସ):** ଦୈନିକ 'ସକାଳ'ର ଅନୁଗୋଳ ଜିଲ୍ଲା ସାମ୍ବାଦିକଙ୍କ ବନ୍ଧୁମିଳନ ସ୍ଥାନୀୟ ସର୍କିଟ ହାଉସଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ସକାଳ'ର ଅନୁଗୋଳ-ଢେଙ୍କାନାଳ ସଂସ୍କରଣ ମୁଖ୍ୟ ସଂଗ୍ରାମ ରଞ୍ଜନ ଦାସ ଯୋଗ ଦେଇ ୨୦୨୪ ନୂତନବର୍ଷର ଶୁଭେଚ୍ଛା ପ୍ରଦାନ କରିବା ସହ ନୂତନ ବର୍ଷର ପ୍ରାରମ୍ଭରେ ନୂତନ ଉଦ୍ଦୀପନା ନେଇ 'ସକାଳ' ର ପ୍ରଗତିରେ ନୂଆ ଏକ ଫର୍ଦ୍ଦ ଯୋଡି ହେବାକୁ ଯାଉଛି ବୋଲି ସୂଚନା ପ୍ରଦାନ କରିଥିଲେ। 'ସକାଳ' ପରିଚାଳନା ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମୋଦନ କ୍ରମେ ଆସନ୍ତା ଜାନୁଆରୀ ୨୪ ତାରିଖରେ ଅନୁଗୋଳରେ ହେବାକୁ ଥିବା 'ଅନୁଗୋଳ-ଢେଙ୍କାନାଳ ସଂସ୍କରଣ'ର ଶୁଭାରମ୍ଭ କାର୍ଯ୍ୟକ୍ରମ ବିଷୟରେ ଶ୍ରୀ ଦାସ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ବୈଠକରେ ନିରପେକ୍ଷତା ଓ ସମାଜ ଗଠନ ମୁଳକ ଖବର ସଂଗ୍ରହ ଉପରେ ଶ୍ରୀ ଦାସ ଗୁରୁତ୍ୱାରୋପ କରିବା ସହିତ ସହକର୍ମୀ ସାମ୍ବାଦିକଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ 'ସକାଳ'ର ଅନୁଗୋଳ ଜିଲ୍ଲାର ସାମ୍ବାଦିକ ପ୍ରତାପ ବିଶ୍ୱାଳ, ଅଖିଳ କୁମାର ମହାପାତ୍ର, ବୁଦ୍ଧଦେବ ବେହେରା, ପ୍ରମୋଦ ଗଡ଼ନାୟକ, କମଳାକାନ୍ତ ମିଶ୍ର, ଜଗନ୍ନାଥ ଅଗ୍ରୱାଲ, ଦୀପକ ପ୍ରଧାନ, ସୁଜିତ କୁମାର ପଟ୍ଟନାୟକ, ସଞ୍ଜୟ କୁମାର ଦାସ, ଦେବଦତ୍ତ ସାହୁ, ପ୍ରଦୀପ ପ୍ରଧାନ, ସୁବାଷ ମହାନ୍ତି, ଦୁର୍ଗା ପ୍ରସାଦ ସ୍ୱାଇଁ, ବିରଜା ପ୍ରସାଦ ପଟନାୟକ, ଅଲେଖ ଭୁତିଆ, ସୌମିତ୍ର ସେନାପତି, ରବୀନ୍ଦ୍ରନାଥ ସେଠ, ତ୍ରିଲୋଚନ ସ୍ୱାଇଁ, ଚିତ୍ତ ରଞ୍ଜନ ପାଣି, ଗଗନ ରାଉତ, ବନମାଳୀ ନାଏକ, 'ସକାଳ'ର ପ୍ରସାର ବିଭାଗ ସହକାରୀ ରାଜେଶ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସାମ୍ବାଦିକ ଶୁଭ୍ରରଞ୍ଜନ ଦାସ ପରିଚାଳନା ଉଚ୍ଚ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ନୂତନ ସଂସ୍କରଣକୁ ଆଗେଇ ନେବାକୁ ସମସ୍ତ ସାମ୍ବାଦିକମାନଙ୍କ ସହଯୋଗ କାମନା କରି ଧନ୍ୟବାଦ ଅର୍ପଣ କରିଥିଲେ।

# ଅନନ୍ତ ଡିଏଭି ସ୍କୁଲର ରୌପ୍ୟ ଜୟନ୍ତୀ ସମାରୋହ

**ତାଳଚେରସଦର, ୩୧।୧୨(ସମିସ)**



ଏମ୍‌ସିଏଲ ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ୍ ସ୍କୁଲ, ଅନନ୍ତ ବିହାର କ୍ରୀଡା ପ୍ରାଙ୍ଗଣରେ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଏମସିଏଲ ଟେକ୍ନିକାଲ(ଅପରେସନ) ନିର୍ଦ୍ଦେଶକ ଯୁଗଳ କୁମାର ବୋରା ମୁଖ୍ୟଅତିଥି ଭାବେ ଯୋଗଦାନ କରି ଉତ୍ସବର ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନୀୟଅତିଥି ଭାବେ ଡିଏଭି ପବ୍ଲିକ୍ ସ୍କୁଲ ସମୂହ, ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ କେଶବ ଚନ୍ଦ୍ର ଶତପଥୀ, ଏମସିଏଲ ଜଗନ୍ନାଥ କ୍ଷେତ୍ରର ମହାପ୍ରବନ୍ଧକ ଏକେ.ଧଳ, ଡିଏଭି ସ୍କୁଲ ସମୂହ, ଓଡ଼ିଶାର ଆଞ୍ଚଳିକ ଅଧିକାରୀ ଲୋକନାଥ ପ୍ରଧାନ ଯୋଗଦାନ କରିଥିଲେ। ଏଥି ସହିତ ଏମସିଏଲ ଭରତପୁର କ୍ଷେତ୍ରର ମହାପ୍ରବନ୍ଧକ ଦିବ୍ୟରଞ୍ଜନ ଲି, ଏମସିଏଲ ମୁଖ୍ୟ କାର୍ଯ୍ୟାଳୟ ବୁର୍ଲାର ସେଲ୍ସ ଓ ମାର୍କେଟିଂ ମହାପ୍ରବନ୍ଧକ ଏକେଲାକ୍ରା, ଏମସିଏଲ ଜଗନ୍ନାଥ କ୍ଷେତ୍ରର ମହାପ୍ରବନ୍ଧକ (ପର୍ସନାଲ୍) ବିରଞ୍ଚି ଦାସ, ମହାପ୍ରବନ୍ଧକ (ଫାଇନାନ୍ସ)ଏକେ ରାୟ, ଅନନ୍ତ ଓସିପିର ପ୍ରକଳ୍ପ ଅଧିକାରୀ ଅଜୟ କୁମାର ସିଂହ, ଜଗନ୍ନାଥ କ୍ଷେତ୍ରର ଷ୍ଟାଫ୍ ଅଫିସର (ମେଣ୍ଟେନାନ୍ସ) ଜୟପ୍ରକାଶ, ଷ୍ଟାଫ୍ ଅଫିସର ( ସିଭିଲ୍) ଏ ତୀର୍ଥମଲାଇ, ଡିଏଭି ସ୍କୁଲ ସମୂହର ଉପ ଆଞ୍ଚଳିକ ଅଧିକାରିଣୀ ଡଃ ସୁଜାତା ସାହୁ, ଉପଆଞ୍ଚଳିକ ଅଧିକାରୀ ସୁରେନ୍ଦ୍ର କୁମାର ଭୋଇ, ଉପଆଞ୍ଚଳିକ ଅଧିକାରିଣୀ ଇସ୍ମିତା ଦାଶ, କ୍ଲଷ୍ଟର ମୁଖ୍ୟା ରଶ୍ମି ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜଗନ୍ନାଥ କ୍ଷେତ୍ରର ଅନନ୍ୟା ମହିଳା ମଣ୍ଡଳ ଅଧକ୍ଷା ସୁସ୍ମିତା ଧଳଙ୍କ ସମେତ ସମସ୍ତ ସଦସ୍ୟା, ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଅବସ୍ଥାପିତ ଡିଏଭି ପବ୍ଲିକ ସ୍କୁଲମାନଙ୍କର ଅଧକ୍ଷ ଓ ଅଧକ୍ଷାମାନଙ୍କ ମଧରେ ଡି.ଏନ୍.ମିଶ୍ର, ବିପିନ କୁମାର ସାହୁ, ପ୍ରଶାନ୍ତ କୁମାର ପଣ୍ଡା, ଲକ୍ଷ୍ମୀକାନ୍ତ ଦେବତା, ସଞ୍ଜିବ ସାହୁ, ଶୁକ୍ଳା ଚକ୍ରବର୍ତୀ, ସମୀର କୁମାର କାନୁନଗୋ, ଶୁଭେନ୍ଦୁ ଶେଖର ବୋଷ, ଫକୀର ମୋହନ ସାହୁ, ସବିତା ପୂଜାରୀ, ସଞ୍ଜୁକ୍ତା ପୃଷ୍ଟି, ବିନୋଦିନୀ ଦାଶ, ପ୍ରଭାକର ମହାନ୍ତି, ମାନସ ରଞ୍ଜନ ପୃଷ୍ଟିଙ୍କ ସମେତ ଏମସିଏଲ ଅନ୍ତର୍ଗତ ବିଭିନ୍ନ ଶ୍ରମିକ ସଙ୍ଗଠନର ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ଅଧକ୍ଷା ଜ୍ୟୋତି ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ ସହିତ ବିଦ୍ୟାଳୟର ୨୫ ବର୍ଷର କ୍ରମୋନ୍ନତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଫାଟକ ଉଦ୍‌ଘାଟନ କରାଯାଇଥିଲା। ରୌପ୍ୟ ଜୟନ୍ତୀ ଉପଲକ୍ଷେ ଭାରତୀୟ ଡାକ ବିଭାଗ ଦ୍ୱାରା ବିଦ୍ୟାଳୟର ଏକ ଲଫାପା ଉନ୍ମୋଚନ କରାଯାଇଥିଲା। ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ରବି ନାରାୟଣ ପଣ୍ଡାଙ୍କ ନିର୍ଦ୍ଦେଶନାରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଜୀବନୀ ଆଧାରିତ ଏକ ଲଘୁ ନାଟକ ପରିବେଷଣ କରାଯାଇଥିଲା। ରୌପ୍ୟ ଜୟନ୍ତୀ ଉପଲକ୍ଷେ ଆୟୋଜିତ ଆନ୍ତଃ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉପଲକ୍ଷେ ପ୍ରକାଶ ପାଇବାକୁ ଥିବା ସ୍ମରଣିକା 'ଦି ଜୁବିଲାନ୍ସ'କୁ ଉନ୍ମୋଚନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ କରୁଣାକର ସାହୁ, ଶିକ୍ଷୟିତ୍ରୀ ଜ୍ୟୋତି ଜିନ୍ଦଲ ଓ ପ୍ରତ୍ୟୁଷା ଅମାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସମସ୍ତ କାର୍ଯ୍ୟକ୍ରମର ମଞ୍ଚ ସଞ୍ଚାଳନ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଅଞ୍ଜନ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେଡି ନେତା କରୁଣାକର ସେଠୀଙ୍କ ସ୍ମୃତିସଭା



**ଡେରାବିଶ, ୩୧।୧୨(ସମିସ):** ଡେରାବିଶ ବ୍ଲକ୍ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ କେଉଟକଣ୍ଡିଆ ଗ୍ରାମର ବରିଷ୍ଠ ବିଜେଡି ନେତା କରୁଣାକର ସେଠୀଙ୍କ ବିୟୋଗରେ କେଉଟକଣ୍ଡିଆ ଗ୍ରାମରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ସମବାୟବିତ୍ ବୈଷ୍ଣବ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ରାଜ୍ୟ ବିଜେଡ଼ି କାର୍ଯ୍ୟକାରିଣୀ ସଦସ୍ୟ ସଂଜୟ ଅଗ୍ରୱାଲ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ୍ ବିଜେଡ଼ି ସଭାପତି ଦେବାଶିଷ ଆଚାର୍ଯ୍ୟ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ, ଜିଲ୍ଲା ବିଜେଡ଼ି ଉପସଭାପତି ଶ୍ରୀମନ୍ତ ରାଉତରାୟ, ଆଇନଜୀବୀ ଶାନ୍ତିସ୍ୱରୂପ ଭୂୟାଁ, ପୂର୍ବତନ ସରପଞ୍ଚ ଭାଗବତ କାଣ୍ଡି, ବସନ୍ତ ପଲେଇ, ଅନନ୍ତ କିଶୋର ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ପ୍ରମୋଦ ଭଦ୍ର, ତ୍ରିଲୋଚନ ରାଉତ, ଜୟଦେବ ପରିଡ଼ା ପ୍ରମୁଖ ସ୍ୱର୍ଗତ ସେଠୀଙ୍କ ସ୍ମୃତିଚାରଣ କରିଥିଲେ।

# ଜୁଆ ଖେଳ ଉପରେ ନକଲି ପୁଲିସର ଚଢ଼ଉ

**ଗରଦପୁର,୩୧।୧୨(ସମିସ)**

- ଅସିଲ ନକଲିକୁ ନେଇ ଦ୍ୱନ୍ଦ
- ୨ ଗାଡ଼ି ଜବତ, ୩ ନକଲି ପୁଲିସ ଅଟକ
- ଚଢଉ ନ କରିବାକୁ ସ୍ଥାନୀୟ ପୁଲିସ ୩୫ ହଜାର ନେଇଛି

ନକଲି ପୁଲିସ ଚଢଉ କରୁଛି। ଅସଲି ପୁଲିସ ଶୋଇପଡୁଛି। ଏହିଭଳି ଏକ ଦୃଶ୍ୟ କୁଦାନଗରୀ ଥାନା ଅଧିନ ବାରୁଣୀ ବଜାରରେ ଦେଖିବାକୁ ମିଳିଛି। ଏହି ବଜାରରେ ଏବେ ଯାତ୍ରା ହେଉଛି। ଏହି ଯାତ୍ରାର ସୁଯୋଗ ନେଇ ଗତ ୪ ଦିନ ହେଲା ବେଧଡକଭାବେ ଜୁଆ ଖେଳ ହେଉଥିଲା। ଥାନା ପାଖରୁ ୩ ଶହ ମିଟର ଦୂରରେ ଏହି ଜୁଆଖେଳ ହେଉଥିଲେ ମଧ୍ୟ ପୁଲିସ ଚଢଉ କରି ନ ଥିଲା। ପୁଲିସ ଜାଣିଶୁଣି ଚୁପ୍ ବସିଥିଲା। ଶନିବାର ବିଳମ୍ବିତ ରାତିରେ ନିଜକୁ ସ୍ପେଶାଲ ସ୍କ୍ୱାଡ୍ ପରିଚୟ ଦେଇ ଜଣେ ମହିଳା ଆଉ ୨ ଜଣ ପୁରୁଷ ସେଠାରେ ଚଢଉ କରି ଜୁଆଖେଳ ବନ୍ଦ କରିଥିଲେ। ଜୁଆଖେଳକୁ ନେଇ ସ୍ଥାନୀୟ ପୁଲିସ ସହ ୩୫ ହଜାରରେ ଚୁକ୍ତି ହୋଇଥିଲା। ସେହି ଚୁକ୍ତି ଅନୁଯାୟୀ ସେମାନେ ଚଢଉ କରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ; ହେଲେ ଶୁକ୍ରବାର ରାତିରେ ନିଜକୁ ପୁଲିସ କହି ଚଢଉ କରି ୧୫ ହଜାର ଲାଞ୍ଚ ନେଇ ପଳାଇଥିଲେ। ପୁଣିଥରେ ଶନିବାର ଚଢଉ କରି ଟଙ୍କା ମାଗିଥିଲେ; ହେଲେ ଜୁଆ ଖେଳ କରୁଥିବା ଯୁବକମାନେ ଟଙ୍କା ନ ଦେଇ ଚଢଉ ଟିମ୍‌କୁ ଘେରି ଯାଇଥିଲେ। ସେମାନଙ୍କ ଟିମରେ ଆସିଥିବା ମହିଳା ସଦସ୍ୟଙ୍କ ମୋବାଇଲ ଫୋନ୍ ଛଡାଇ ନେଇଥିଲେ। ସନ୍ଦେହ ହେବାରୁ କୁଦାନଗରୀ ଥାନାକୁ ଖବର ଦିଆଯାଇଥିଲା। ପୁଲିସ ପହଞ୍ଚି ତଦନ୍ତରୁ ସେମାନେ ନକଲି ପୁଲିସ ବୋଲି ଜାଣିବା ପରେ କାବୁ କରିଥିଲା। ତେବେ କିଏ ଅସଲି ଆଉ କିଏ ନକଲି ତାକୁ ନେଇ ଦୀର୍ଘ ସମୟ ଧରି ମୁହାଁ ମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହା ଦେଖି ଦର୍ଶକ ପଦାକୁ ଆସି ହୋ ହାଲ୍ଲା କରିବାରୁ ଯାତ୍ରା ଅଧାରୁ ବନ୍ଦ ହୋଇଯାଇଥିଲା। ନକଲି ଓ ଅସଲି ପୁଲିସ ମଧ୍ୟରେ ଛକାପଞ୍ଝା ପରେ କୁଦାନଗରୀ ପୁଲିସ ନକଲି ପୁଲିସର ଗାଡ଼ିକୁ ଜବତ କରିଛି। ଜବତ ଗାଡି କେନ୍ଦ୍ର ସରକାରଙ୍କ ଏକ ବିଭାଗର ବୋଲି ଜଣାପଡିଛି। ମହିଳା ଜଣଙ୍କ ଛତିଶଗଡ଼ ରେଳ ବିଭାଗରେ ଚାକିରି କରିଛନ୍ତି। ଏହି ଖବର ପାଇ ରାୟପୁର ଅଞ୍ଚଳର ଜଣେ ରେଳ କର୍ମଚାରୀ ଥାନାରେ ପହଞ୍ଚି ୭୦ ହଜାର ଟଙ୍କା ଦେଇ ଘଟଣାକୁ ଚାପି ଦେବାକୁ ଉଦ୍ୟମ କରୁଥିବା ବେଳେ ରାତି ପାହି ଯାଇଥିଲା। ତେବେ ଯାତ୍ରା କମିଟିର ଜଣେ ସଭ୍ୟ ଏହି ଖବର ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇଦେବା ପରେ ସବୁ ଓଲଟ ପାଲଟ ହୋଇଯାଇଥିଲା। ରାୟପୁରରୁ ଆସିଥିବା କର୍ମଚାରୀ ଜଣକ ଏହାପରେ କୁଆଡେ ଉଭାନ ହୋଇଯାଇଥିଲେ। କେତେକ ଥାନା କର୍ମଚାରୀ ମଧ୍ୟ ଏହି ଘଟଣାକୁ ଚପାଇ ଦେବାକୁ ଚେଷ୍ଟା କରିଥଲେ। ଏହି ସମୟରେ ଗଣମାଧ୍ୟମ ପ୍ରତିନିଧି ପହଞ୍ଚିଯିବାରୁ ଥାନାରେ ହେବାକୁ ଥିବା ମୂଲଚାଲ ମଧ୍ୟ ବନ୍ଦ ହୋଇଯାଇଥିଲା। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଯେ, ଏହିଭଳି ଘଟଣା ଦେଖି ଥାନା ଅଧିକାରିଣୀ ଅଚାନକ ଫେରାର ହେବା ଅଧିକ ସନ୍ଦେହ ସୃଷ୍ଟି ହୋଇଛି। ନକଲି ପୁଲିସକୁ ଅଟକ ରଖିଥିଲେ ମଧ୍ୟ ଏବେ କୁଦାନଗରୀ ପୁଲିସର କାର୍ଯ୍ୟ ବା ଭୂମିକାକୁ ନେଇ ପ୍ରଶ୍ନ ଉଠିଛି।

# ନାଟ୍ୟକାର ଅନନ୍ତ ଓଝାଙ୍କ ସ୍ମୃତିଚାରଣ




**ଡେରାବିଶ,୩୧।୧୨(ସମିସ):** ବୀରନୀଳକଣ୍ଠପୁରର ଯାତ୍ରାଜଗତର ବାଦ୍‌ସାହା ଅପ୍ରତିଦ୍ୱନ୍ଦ୍ୱୀ ନାଟ୍ୟକାର ଅନନ୍ତ ଓଝାଙ୍କ ଷଷ୍ଠ ବାର୍ଷିକ ଶ୍ରାଦ୍ଧୋତ୍ସବ ଅବସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଅନନ୍ତଓଝା ମେମୋରିଆଲ ଚାରିଟେବୁଲ୍ ଟ୍ରଷ୍ଟ ଦ୍ୱାରା ଆୟୋଜିତ ଏହି ସ୍ମୃତିସଭାରେ ଟ୍ରଷ୍ଟର ସଭାପତି ହଳଧର ଦାଶ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ଶରଣାରବିନ୍ଦ ଓଝା ମୁଖ୍ୟ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନ ଓ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାସ, ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ଅଜୟ ରାଉତ ଓ କେନ୍ଦ୍ରାପଡ଼ା ପୁସ୍ତକମେଳାର ସଭାପତି ଅକ୍ଷୟ ପାଣି ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଚଳଚ୍ଚିତ୍ର ଅଭିନେତା ବିରାଜ ଦାଶ ଯୋଗ ଦେଇଥିଲେ। ବିଜୟ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲାବେଳେ ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ଦେଇଥିଲେ। ପ୍ରଦୀପ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ, ପ୍ରଭାକର ସାମଲ, ନାରାୟଣ ଚନ୍ଦ୍ର ଲେଙ୍କା, ଅଭିମନ୍ୟୁ ରାଉତ, ଭବାନୀ ପ୍ରସାଦ ଓଝା ଓ ସବ୍ୟସାଚୀ ଓଝା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସଂସାରଫଳ ବାସୁଦେବ ପୀଠରେ ପ୍ରବଚନ କାର୍ଯ୍ୟକ୍ରମ

**ରାଜନଗର,୩୧।୧୨(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ସଂସାରଫଳ ଗ୍ରାମ ବାସୁଦେବବିହାରସ୍ଥିତ ଶ୍ରୀ ବାସୁଦେବ ପୀଠରେ ୩ଦିନ ଧରି ହରିବଂଶ ପଠନ ଓ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ନିରଂଜନ ତ୍ରିପାଠୀ, ପଣ୍ଡିତ ଧ୍ରୁବ ରଥ ଏବଂ ଗାୟକ ବସନ୍ତ ବେହେରା ପ୍ରତ୍ୟେକ ସଂଧ୍ୟାରେ ପରମଶାସ୍ତ୍ର ଶ୍ରୀମଦ୍ ଭାଗବତ କଥା ସହିତ ରାମାୟଣ, ମହାଭାରତ କଥାବସ୍ତୁକୁ ଆଧାର କରି ମାତୃଭକ୍ତି, ପିତୃଭକ୍ତି ଓ ଗୁରୁଭକ୍ତି ଭିତରେ ଗୃହସ୍ଥ ଜୀବନ ଦର୍ଶନର ଗୁଢ ରହସ୍ୟକୁ ଦୀକ୍ଷାନ୍ତ ଆଲୋଚନା କରିବା ସହିତ ଉପସ୍ଥିତ ଶ୍ରଦ୍ଧାଳୁ ମା'ଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ସଂସାରଫଳ, ଗୁଣ୍ଠି, ଅଢାଡେଉଁରିଆ, ମଦନପୁର, ରେସୋ, ବଡପାଳ, ଗୁପ୍ତିରା ସମେତ ଆଖପାଖ ଗ୍ରାମର ମହିଳା ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟା ଯୋଗଦେଇ ହରିକଥା ଶ୍ରବଣ କରିଥିଲେ। ପଣ୍ଡିତ ଚିତ୍ତରଂଜନ ପଣ୍ଡା ହରିବଂଶ ପଠନ କରିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ପୂର୍ବତନ ବିଧାୟକ ଅଲେଖ ଜେନା, ଜିଲ୍ଲା କଂଗ୍ରେସ କମିଟି ସଭାପତି ଅଂଶୁମାନ ମହାନ୍ତି, ବରିଷ୍ଠ ବିଜେପି ନେତା ଜ୍ଞାନଦେବ ବେଉରା, ଅଧ୍ୟାପିକା ଭଗବତୀ ରାଉତ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ, ପ୍ରଜ୍ଞା ଭାରତୀ ରାଉତରାୟ, ପୁଷ୍ପଲତା ସ୍ୱାଇଁ, ବିଜୟାଲକ୍ଷ୍ମୀ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

# ନାଁ ରଖିଲେ ଆଦର୍ଶ ବିଦ୍ୟାଳୟ ଛାତ୍ରୀ



**ରାଜକନିକା,୩୧।୧୨(ସମିସ):** ହରିୟାଣା କୁରୁକ୍ଷେତ୍ରସ୍ଥିତ ଗୀତା ଜ୍ଞାନ ସଂସ୍ଥାନମ୍‌ଠାରେ ଆନ୍ତଃ ରାଜ୍ୟ କନିଷ୍ଠ ରେଡ଼କ୍ରସ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡା ତରାଣ୍ଡୋସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ସ୍ୱାତିସ୍ମିତା ଓଡିଶାରୁ ପ୍ରତିନିଧିତ୍ୱ କରି ସଫଳତା ପାଇଛନ୍ତି। ସେ କୁଇଜରେ ଦେଶର ପ୍ରଥମ ହୋଇଛନ୍ତି। ସୋଲୋ ଡ୍ୟାନ୍ସରେ ଦ୍ୱିତୀୟ ଓ ବକ୍ତୃତାରେ ତୃତୀୟ ହୋଇଛନ୍ତି। ସେହିଭଳି ଦଳଗତ ଇଭେଣ୍ଟ ଡ୍ରାମାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ବେଷ୍ଟ ଗ୍ରୁପ୍ ସଂଯୋଜକ ଭାବେ ମଧ୍ୟ ଉଚ୍ଚ ପ୍ରଶଂସିତ ହୋଇଛନ୍ତି।

# ମହୁମାଛି ଆକ୍ରମଣରେ ପର୍ଯ୍ୟଟକ ଆହତ

**ମାର୍ଶାଘାଇ,୩୧।୧୨(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ୍ ବାଲିକାଟି ନିକଟ ଜୁଣ ଗ୍ରାମ ଅଧୀନ ଲୁଣା ନଦୀ ପଠାର କାଜୁ ଜଙ୍ଗଲରେ ବଣଭୋଜି ବେଳେ ଅଘଟଣ ଘଟିଛି। ମହୁମାଛି ଆକ୍ରମଣରେ ମାର୍ଶାଘାଇ ଓରିଏଣ୍ଟାଲ କ୍ଲବ୍‌ର ସଦସ୍ୟ ମନୋରଞ୍ଜନ ବେହେରା, ବିଚିତ୍ରାନନ୍ଦ ବେହେରା, ସୁବ୍ରତ ପ୍ରଧାନ, ଅରକ୍ଷିତ ବେହେରା, ବିଷ୍ଣୁ ପ୍ରସାଦ ନାୟକ, ଜ୍ଞାନ ରଞ୍ଜନ ରାଉତ, ତନ୍ମୟ ବିଶ୍ୱାଳ, ବିଶ୍ୱଜିତ ମହାକୁଡ଼, ଉମାକାନ୍ତ ରାଉତ, ମନୋରଞ୍ଜନ ପରିଡା ବାଦଲ ସାହୁ, ଦୟାନିଧି ଦାସ, ମାନସ ରାୟ, ଜଗବନ୍ଧୁ ବେହେରା, ବଗ ପ୍ରଧାନ ପ୍ରମୁଖ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

# ୧୯୮୦ ବ୍ୟାଚ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ



**ମାର୍ଶାଘାଇ,୩୧।୧୨(ସମିସ):** ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ମାର୍ଶାଘାଇ ଯଜ୍ଞ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଇଂ ଚିତ୍ତ ରଞ୍ଜନ ରଥ, ଇଂ ଜ୍ଞାନଦେବ ବେଉରା, ସୁଜଳ ସାହୁ, କୀର୍ତ୍ତନ ବେଉରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରବୀନ୍ଦ୍ର ରାଉତ, ଅଶୋକ ମହାପାତ୍ର, ପ୍ରଦୀପ୍ତ ରାଉତରାୟ, ସୁମନ ମହାପାତ୍ର, ମହେନ୍ଦ୍ର ସାମଲ, ସୁଧାଂଶୁ ମହାପାତ୍ର, କୈଳାସ ଲେଙ୍କା, ରମାକାନ୍ତ ଦାସ,ଜୟନ୍ତ ନାୟକ ବିଶ୍ୱନାଥ ନାୟକ, ରନେନ୍ଦ୍ର ନାୟକ, ଗୋପୀନାଥ ସାହୁ, ନୃସିଂହ ପାତ୍ର, ରଶ୍ମି ସାମଲ, ପ୍ରଶାନ୍ତ ସ୍ୱାଇଁ, କୈଳାସ ଲେଙ୍କା, ହୃଷିକେଶ ବେହେରା, ଭବାନୀ ଶଙ୍କର ନାୟକ, ଖଗେଶ୍ୱର ରାଉତ, ଦିଲୀପ ନାୟକ, ବୈକୁଣ୍ଠ ସ୍ୱାଇଁ, ଦିଲୀପ ପ୍ରଧାନ, ସୁରେନ୍ଦ୍ର ଜେନା, ନବୀନ ବାବା, ଅନିରୁଦ୍ଧ ଦାସ, ରମେଶ ଚନ୍ଦ୍ର ଚୁଳି, ଧୀରେନ୍ଦ୍ର ପ୍ରଧାନ ପ୍ରମୁଖ ପୁରାତନ ଛାତ୍ର ଯୋଗ ଦେଇଥିଲେ।

# ଭିତରକନିକା, ପେଣ୍ଠ ବେଳାଭୂମିରେ ଗହଳି

**ରାଜନଗର,୩୧।୧୨(ସମିସ):** ବର୍ଷର ଶେଷ ଦିନରେ ୩୪୬୦ ପର୍ଯ୍ୟଟକ ଭିତରକନିକା ବୁଲିଛନ୍ତି। ପେଣ୍ଠ ବେଳାଭୂମି, ବରୁଣେଇ ମୁହାଁଣ ସନ୍ନିକଟ ଦୋବନ୍ଧିରେ ପର୍ଯ୍ୟଟକ ପ୍ରକୃତିକୁ ଉପଭୋଗ କରିଛନ୍ତି। ଜାନୁୟାରୀ ୪ରୁ ୧୩ ତାରିଖ ପର୍ଯ୍ୟନ୍ତ ବଉଳା କୁମ୍ଭୀର ଗଣନା ପାଇଁ ଭିତରକନିକା ବନ୍ଦ ରହୁଥିବାରୁ ରବିବାର ଭିତରକନିକାରେ ପ୍ରବଳ ଭିଡ୍ ହୋଇଥିଲା। ଡାଙ୍ଗମାଳ ମୁଖ୍ୟ ଫାଟକ ଦେଇ ୧୭୮୦ଜଣ ପର୍ଯ୍ୟଟକ ୫୧ଟି ବୋଟ୍‌ରେ ନୌକାବିହାର କରିଥଲେ। ଖୋଲା ଦେଇ ୮୮ଟି ବୋଟ୍‌ରେ ୧୧୬୮ଜଣ, ଚାନ୍ଦବାଲି ଦେଇ ୧୨ଟି ବୋଟ୍‌ରେ ୧୬୫ ଏବଂ ଗୁପ୍ତି ପ୍ରବେଶ ପଥ ଦେଇ ୨୯ଟି ବୋଟ୍‌ରେ ୩୪୭ଜଣ ପର୍ଯ୍ୟଟକ ଭିତରକନିକାର ପ୍ରାକୃତିକ ଶୋଭା ଉପଭୋଗ କରିଛନ୍ତି। ଏହାସହ ନଦୀପଠାରେ ଖରା ପୋଉଁଥିବା ବଉଳା କୁମ୍ଭୀର ଦେଖି ପର୍ଯ୍ୟଯକ ବିମୋହିତ ହୋଇପଡିଥିଲେ।

# ସ୍ୱାମୀ ଅସୀମାନନ୍ଦଙ୍କୁ ଧର୍ମଚକ୍ର ସମ୍ମାନ



**ପଟ୍ଟାମୁଣ୍ଡାଇ,୩୧।୧୨(ସମିସ):** ପୁରୀ ଗୋବର୍ଦ୍ଧନ ପୀଠ ସନ୍ଥ ସଂରକ୍ଷକ ତଥା ପଟ୍ଟାମୁଣ୍ଡାଇ ରାଧାରମଣ ମଠର ମଠାଧୀଶ ସ୍ୱାମୀ ଅସୀମାନନ୍ଦ ଦାସମହାରାଜଙ୍କୁ ଧର୍ମଚକ୍ର ସମ୍ମାନ ପ୍ରଦାନ କରାଯାଇଛି। ମାହାଙ୍ଗା-ବଡ଼ଚଣା ସାହିତ୍ୟ ସଂସ୍କୃତି ପରିଷଦର ୩୦ତମ ସାମ୍ବତ୍ସରିକ ଉତ୍ସବ ଉପଲକ୍ଷେ ବାଲିଚନ୍ଦ୍ରପୁର ଶ୍ରୀ ଜଗନ୍ନାଥ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ମନୋଜ୍ଞ ଉତ୍ସବରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡାଇ, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାସ, ବିଶିଷ୍ଟ ସାହିତ୍ୟିକ ତଥା ସ୍ତମ୍ଭକାର ଦାସ ବେନହୁର, ପୂର୍ବତନ ଦୂରଦର୍ଶନ ଅଧିକାରୀ ଡ. ସୁନୀତି ଦେବୀ, ସ୍ତମ୍ଭକାର ଅସୀତ ମହାନ୍ତି, ଶଶଧର ପଣ୍ଡା ଓ ମାହାଙ୍ଗା-ବଡ଼ଚଣା ସାହିତ୍ୟ ସଂସ୍କୃତି ପରିଷଦ ସଭାପତି ଭକ୍ତ ଚରଣ ସାହୁ, ସମ୍ପାଦକ ସଚିନ୍ଦ୍ର ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# 'ଶାଢ଼ି ସଂସାର' ମାଲିକଙ୍କୁ ଆକ୍ରମଣ ଘଟଣାରେ ୬ ଗିରଫ

**କେନ୍ଦ୍ରାପଡ଼ା,୩୧।୧୨(ସମିସ):** ବଡ଼ହାଟସ୍ଥିତ ଶାଢି ସଂସାର ଶୋ'ରୁମ୍ ମାଲିକ ଖାଦିମ୍ ବକ୍ସଙ୍କୁ ଆକ୍ରମଣ ଘଟଣାରେ ୬ ଜଣ ଗିରଫ ହୋଇଛନ୍ତି। ଏମାନେ ହେଲେ ରଣପଡ଼ାର ସେକ୍ ଖଲିଲ୍ (୭୦), ତାଙ୍କ ତିନି ପୁଅ ସେକ ଗୋରା (୩୨), ସେକ୍ ସୋନା (୨୫), ସେକ୍ ସନା (୨୭), ପୋଷ୍ଟ ଅଫିସ୍ ଲେନ୍‌ର ସରଫରାଜ୍ ଖାନ୍(୨୨) ଏବଂ ବଡ଼ହାଟର ସେକ୍ ସରଫୁଦ୍ଦିନ।

# ଗହୀରମଥାରୁ ୧୧ ମତ୍ସ୍ୟଜୀବୀ ଗିରଫ



**ମହାକାଳପଡ଼ା,୩୧।୧୨(ସମିସ):** ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରୁ ମା' ଧାମରାଇ ନାମକ ମାଛ ଧରା ଟ୍ରଲର ଜବତ ହୋଇଛି। ୧୧ଜଣଙ୍କୁ ବନ ବିଭାଗ ଗିରଫ କରିଛି। ଏମାନେ ହେଲେ ନିମାଇଁ ମାଇତି, ନିତ୍ୟାନନ୍ଦ କନ୍ଦାର, ପ୍ରସନ ଜିତ ଜେନା, ଚକ୍ରଧର ମଣ୍ଡଳ, ବାବୁନି ମଣ୍ଡଳ, ବଳରାମ ମାନ୍ନା, ବଣେଶ୍ୱର ମଣ୍ଡଳ, ଶୁକଦେବ ଗଷରୁ, ହରିପଦ ସେଠୀ, ମାଣିକ ଦାସ।। ଏମାନଙ୍କଠାରୁ ୩ଟି ଭିଏଚ୍‌ଏଫ୍, ଗୋଟିଏ ଜିପିଏସ, ୧୨ଟି ଜାଲ ସହ ପ୍ରାୟ ୬କୁଇଣ୍ଟାଲ ମାଛ ଜବତ କରିଛି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଧୀନ ଏକାକୁଳା ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟି ପାଟ୍ରୋଲିଂ ସମୟରେ ଏମାନଙ୍କୁ ଗିରଫ କରିଛନ୍ତି।

# 'ଶିକ୍ଷା ସହ କ୍ରୀଡ଼ା ଅଙ୍ଗାଙ୍ଗୀ ଭାବେ ଜଡ଼ିତ'





**ଡେରାବିଶ,୩୧।୧୨(ସମିସ)**

ଯଅଁରାବାରିମୂଳ ପଞ୍ଚାୟତ ବମ୍ଫୁସ୍ଥିତ କୃଷ୍ଣଚନ୍ଦ୍ର ସଂସ୍କୃତ ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷା ସହ କ୍ରୀଡ଼ା ଅଙ୍ଗାଙ୍ଗି ଭାବେ ଜଡ଼ିତ। ଖେଳକୁଦ ମାନସିକ ଓ ଶାରୀରିକ ବୃଦ୍ଧିରେ ସହାୟକ ହୋଇଥାଏ। କ୍ରୀଡ଼ା ମଧ୍ୟ ଶୃଙ୍ଖଳା ଜ୍ଞାନ ଶିଖାଏ ବୋଲି ଏଥିରେ ମତ ପ୍ରକାଶ ପାଇଛି। ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ଜିଲ୍ଲା ପରିଷଦ ସଦସ୍ୟ ଅରବିନ୍ଦ ମଳିକ, ସ୍ଥାନୀୟ ସରପଞ୍ଚ ଶଙ୍କର୍ଷଣ ପରିଡ଼ା ଓ ରଜତ ବଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷା ମନୋରମା ଶତପଥୀ ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପକ ତ୍ରୈଲୋକ୍ୟ ଚନ୍ଦ୍ର ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଲ୍ୱମଙ୍ଗଳ ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ସଂଘମିତ୍ରା ରଥ, ଅଧ୍ୟାପକ ପ୍ରମୋଦ ପଣ୍ଡା, ପ୍ରିୟଦର୍ଶନ ନନ୍ଦ, ନିର୍ମଳ ଚନ୍ଦ୍ର ପରିଡ଼ା, ମୁରଲିଧର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥଲେ। ସୁବାସ ଚନ୍ଦ୍ର ବଳ ସହଯୋଗ କରିଥିଲେ। ଅଧ୍ୟାପକ ରମେଶ ଚନ୍ଦ୍ର ଶତପଥୀ ସଭା ସଂଚାଳନ କରିଥିଲାବେଳେ ଅଧ୍ୟାପିକା ଜୟନ୍ତୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ଯଅଁରାବାରିମୂଳ ପଞ୍ଚାୟତ ଭିତରବମ୍ଫୁସ୍ଥିତ ଡେଲଟା ଡିଗ୍ରୀ ମହାବିଦ୍ୟାଳୟରେ ମଧ୍ୟ ରାଜ୍ୟ ସରକାରଙ୍କ ପ୍ରାୟୋଜିତ 'ନୂଆ-ଓ' ଯୋଜନା ଅଧୀନ 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଉଦ୍‌ଯାପନ ଉତ୍ସବରେ ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ ସଭାପତିତ୍ୱ କରିଥିଲେ। ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କ ପ୍ରତିନିଧି ତଥା ବିଜେଡ଼ି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଂଜୟ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ଜିଲ୍ଲା ପରିଷଦ ସଦସ୍ୟ ଅରବିନ୍ଦ ମଳିକ, ସରପଞ୍ଚ ଶଙ୍କର୍ଷଣ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟର ବିକାଶ ପାଇଁ ଯୁବ ଶକ୍ତିର ଆବଶ୍ୟକ ରହିଛି। ଯୁବକମାନେ କ୍ରୀଡ଼ା, ସାଂସ୍କୃତିକ ଓ ସମାଜସେବା ସମ୍ପର୍କରେ ସଚେତନ ହେବା ଜରୁରି ବୋଲି ଅତିଥିମାନେ କହିଛନ୍ତି। ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧ୍ୟାପିକା ବନପ୍ରଭା ମିଶ୍ର ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପକ କ୍ଷୀରୋଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଦିଲ୍ଲୀପ ବରାଳ, କ୍ଷୀରୋଦ ସ୍ୱାଇଁ ଓ ଅଧ୍ୟାପିକା ଦେବସ୍ମିତା ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜ୍ୟୋତିରଞ୍ଜନ ବଳ, ଜ୍ଞାନ ରଞ୍ଜନ ସାହୁ, ମାନଗୋବିନ୍ଦ ମହାପାତ୍ର, ପୂର୍ଣ୍ଣାନନ୍ଦ ସାହୁ ଓ ନିମାଇଁ ଚରଣ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# +୨ ବିଦ୍ୟାର୍ଥୀଙ୍କୁ ବିଦାୟ ସମ୍ବର୍ଦ୍ଧନା




**ମାର୍ଶାଘାଇ,୩୧।୧୨(ସମିସ):** ମାର୍ଶାଘାଇ ଜୁଣଛକ ଦି ରୟାଲ ଗାଇଡ୍ +୨ ଆବାସିକ ବିଜ୍ଞାନ ଶିକ୍ଷାନୁଷ୍ଠାନ ପରିସରରେ ବିଦାୟ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀଙ୍କୁ ପ୍ରଥମ ବର୍ଷ ବିଦ୍ୟାର୍ଥୀ ବିଦାୟ ସମ୍ବର୍ଦ୍ଧନା ଦେଇଛନ୍ତି। ଶିକ୍ଷାନୁଷ୍ଠାନ ଚେୟାରମ୍ୟାନ ଚିତ୍ତରଞ୍ଜନ ରଥ, ନିର୍ଦ୍ଦେଶକ ବିବେକ ଦାସ, ପ୍ରଶାସନିକ ଅଧ୍ୟାପକ ଧିରେନ ଚୌଧୁରୀ, ଅଧ୍ୟାପକ ଲକ୍ଷ୍ମୀଧର ଲେଙ୍କା, ଗୌତମ ରାଉତ, ବିକ୍ରମ ପାଇଟାଲ, ଶୁଭଙ୍କର ଦାସ ପ୍ରମୁଖ ଯୋଗଦେଇ ଧୈର୍ଯ୍ୟ, ନିଷ୍ଠା, ସମୟାନୁବର୍ତ୍ତିତା ଶୃଙ୍ଖଳା, ଲକ୍ଷ୍ୟ ନେଇ ଭବିଷ୍ୟତ ଗଢିବାକୁ ବିଦାୟୀ ବିଦ୍ୟାର୍ଥୀଙ୍କୁ ଆହ୍ୱାନ ଦେଇଥିଲେ। ଅଧ୍ୟାପକ ସୁକାନ୍ତ ପ୍ରଧାନ ସଭାପତିତ୍ୱ କରିଥିଲେ।

# କାମାକ୍ଷାନଗର ଓକିଲ ସଂଘ ସଭାପତି ପୁନଃ ନିର୍ବାଚନ ସ୍ଥଗିତ

**କାମାକ୍ଷାନଗର,୩୧।୧୨(ସମିସ):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଓକିଲ ସଂଘ ସଭାପତି ପୁନଃନିର୍ବାଚନ ଫଳାଫଳକୁ ବାର କାଉନସିଲକଟକଙ୍କ ଦ୍ୱାରା ଗଠିତ ନିର୍ବାଚଦ ଟ୍ରାଇବୁନାଲଙ୍କ ନିର୍ଦ୍ଦେଶ ଉପରେ ବାରକାଉନସିଲ ଅଫ ଇଣ୍ଡିଆ ସ୍ଥଗିତାଦେଶ ଜାରି କରିଛନ୍ତି। ସୂଚନା ଅନୁସାରେ ଗତ ୨୦୨୩-୨୪ପାଇଁ କାମାକ୍ଷାନଗର ଓକିଲ ସଂଘର ସଭାପତି ପାଇଁ ଧର୍ମାନନ୍ଦ ମଲ୍ଲିକ ଓ ରଞ୍ଜନ କୁମାର ରାଉତ ପ୍ରାର୍ଥି ପତ୍ର ଦାଖଲ କରିଥିଲେ। ତେବେ ରଞ୍ଜନଙ୍କ ପାଇଁପ୍ରସ୍ତାବକ ଥିବା ସର୍ବଜିତ ଜୀଙ୍କ ନାମକୁ ନାମାଙ୍କନ ପତ୍ରରେ ସଠିଭ ଭାବରେ ଲେଖାଯାଇନଥିବାରୁ ନିର୍ବାଚନ ଅଧିକାରୀ ପ୍ରଭାସ ରଞ୍ଜନ ମିଶ୍ର ଧର୍ମାନନ୍ଦ ମଲ୍ଲିକଙ୍କୁ ଅପ୍ରତିଦ୍ୱନ୍ଦି ଦର୍ଶାଇ ସଭାପତି ଭାବରେ ଘୋଷଣା କରିଥିଲେ। ଏହାକୁ ବିରୋଧ କରି ରଞ୍ଜନ ଉଚ୍ଚ ନ୍ୟାୟାଳର ଦ୍ୱାରସ୍ଥ ହୋଇଥିବା ବେଳେ ଏହାର ଶୁଣାଣି କରି ୧୫ ଦିନ ମଧ୍ୟରେ ଓକିଲସଂଘର ପୁନଃନିର୍ବାଚନ କରିବାକୁ ଷ୍ଟେଟ ବାର କାଉନସିଲ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ବିରୋଧ କରି ଧର୍ମାନନ୍ଦ ବାର କାଉନସିଲ ଅଫ ଇଣ୍ଡିଆରେଏକ ଷ୍ଟେ ପିଟିସନ ଦାଏର କରିଥିଲେ।ଏହାକୁ ଆଧାର କରି ବାର କାଉନସିଲଅଫ ଇଣ୍ଡିଆ ଷ୍ଟେଟ ବାର କାଉନସିଲର ଆଦେଶକୁ ସ୍ଥଗିତ ରଖିଛି।

# ମହାବୀରୋଡଠାରେ ନୂତନ ଏଟିଏମ୍ ଉଦ୍‌ଘାଟିତ



**ମହାବୀରୋଡ,୩୧।୧୨(ସମିସ):** ମହାବୀରୋଡ ଗାନ୍ଧୀଛକଠାରେ ନୂତନ ଏଟିଏମ୍ ଉଦ୍‌ଘାଟିତ ହୋଇଯାଇଛି। ପୁରୁଷୋତ୍ତମ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ଆଇନ୍‌ଜୀବୀ ଦେବୀଦତ୍ତ ସାମଲ ଏଟିଏମ୍‌କୁ ଉଦ୍‌ଘାଟନ କରିଥିଲେ। ଓକିଲ ସଂଘର ଉପସଭାପତି ସୂର୍ଯ୍ୟନାରାୟଣ ସାହୁ, ସତ୍ୟନାରାୟଣ ସାହୁ, ହିଟାଚିର ଏମ୍‌ଏଫ୍ ଶୁଭେନ୍ଦୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ଭାବେ ଏଟିଏମ୍ ହୋଇଥିବାରୁ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି।

# କାମାକ୍ଷାନଗର ଆଦର୍ଶ ଥାନା ନବୀକରଣ



**କାମାକ୍ଷାନଗର,୩୧।୧୨(ସମିସ):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଆଦର୍ଶ ଥାନାର ନବୀକରଣ ସହିତ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନ ଉତ୍ସବରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଥାନା ପରିସରରେ ନୂତନ ରଙ୍ଗ ସହିତ, ଫୁଲଗଛ ରୋପଣ, ମହିଳା ଓ ଶିଶୁ ଡେସ୍କରେପାନୀୟ ଜଳ ସହିତ ବସିବାର ବ୍ୟବସ୍ଥା କରାଯାଇଛି। ସରକାରଙ୍କ ତରଫରୁ କାମାକ୍ଷାନଗର ଆଦର୍ଥ ଥାନାର ନବୀକରଣ ପାଇଁ ବ୍ୟବସ୍ଥା କରାଯା।ଇଥିବାରୁ ଅଞ୍ଚଳବାସୀ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କାମାକ୍ଷାନଗର ଏସ୍‌ଡିପିଓ ପ୍ରଭାତ ତ୍ରିପାଠୀ, ଥାନାଧିକାରୀ ଶରତ ମହାଲିକଙ୍କ ସହିତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ନୂତନ ବର୍ଷକୁ ଉଫୁନାର ସ୍ୱାଗତ

**ଢେଙ୍କାନାଳ,୩୧।୧୨(ସମିସ):** ଢେଙ୍କାନାଳ ସହରରେ ଥିବା ଉଫୁନା ପକ୍ଷରୁ ନବବର୍ଷକୁ ସ୍ୱାଗତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପରିବେଶବିତ ଉପେନ୍ଦ୍ର ରାଉତ ଯୋଗଦେଇ ନବବର୍ଷ ଶାନ୍ତି, ସମୃଦ୍ଧି ଏବଂ ପ୍ରଗତୀର ବର୍ଷ ହେଉବୋଲି କହିଥିଲେ।ଏହି ବୈଠକରେ ଅଧ୍ୟକ୍ଷତା କରି ସର୍ବଭାରତୀୟ ଉଫୁନାର ଉପସଭାପତି ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ସାଧାରଣ ସ୍ୱାସ୍ଥ୍ୟ ବିକାଶ ପାଇଁ ସ୍ୱତନ୍ତ୍ର ନିୟନ୍ତ୍ରିତ ଖାଦ୍ୟ ଆହରଣ କରି ସୁସ୍ଥ ହେଉନ୍ତୁ। ସମ୍ମାନୀତ ଅତିଥି ଭାବରେ ସରୋଜ ଶତପଥୀ ଯୋଗଦେଇ ବେକାରୀ, ଆଇନଶୃଙ୍ଖଳା ଏବଂ ସୁଶାସନର ବର୍ଷ ହେଉ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଇଶୋ ୱେଲନେସ କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗୋକୁଳ ପଣ୍ଡା, ରାଜକିଶୋର ସାହୁ, ସଂଯୁକ୍ତା ବେହେରା, ମୀନା ସାହୁ ପ୍ରମୁଖ ଯୋଗଦେଇଥିଲେ।



# ଗ୍ରାମରେ ପାନୀୟ ଜଳ ପାଇପ ବିଛାକୁ ବିରୋଧ

**କାମାକ୍ଷାନଗର,୩୧।୧୨(ସମିସ)**

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ କଣ୍ଟାପାଳ ଗ୍ରାମର ହରିଜନ ସାହିକୁ ପାନୀୟ ଜଳଯୋଗାଣ ପାଇଁ ପାଇପ ବିଛା କାର୍ଯ୍ୟ ଚାଲୁଥିବା ବେଳେ ବ୍ୟକ୍ତିଗତ ଜମି ଦର୍ଶାଇ ଜନୈକ ବ୍ୟକ୍ତି ପାଇପ ବିଛାଇବାକୁ ବିରୋଧ କରିଛନ୍ତି। ହରିଜନ ସାହିଟି ଦିର୍ଘ ୬୦ବର୍ଷ ଧରି ରହିଥିବା ବେଳେ ସାହି ରାସ୍ତାଟି ଗ୍ରାମର ଜଣେ ବ୍ୟକ୍ତିଙ୍କର ବ୍ୟକ୍ତିଗତ ଜମିଦେଇ ଯିବାକୁ ପଡୁଛି। ଫଳରେ ସାହି ବାସିନ୍ଦାଙ୍କ ବାରମ୍ବାର ଦାବୀ ସତ୍ୱେ ସେହି ସାହିକୁ ସ୍ଥାୟୀ ରାସ୍ତାନାହିଁ। ଫଳରେ ଯାତାୟତ କରିବା କଷ୍ଟ କର ହେଉଛି। କିନ୍ତୁ ସରକାରଙ୍କ ମେଗା ପାନୀୟଜଳପ୍ରକଳ୍ପ ଯୋଜନାରେ ପାନୀୟ ଜଳପାଇଁପାଇପ ବିଛାଯାଉଥିବା ବେଳେ ଏହାକୁ ବିରୋଧ କରାଯାଇଛି। ଗ୍ରାମର ସୁରେନ୍ଦ୍ର ମହାକୁଡ ନିଜର ବ୍ୟକ୍ତିଗତ ଜମିହୋଇଥିବାରୁପାଇପ ବିଛା ବିରୋଧ କରିଛନ୍ତି। ତୁରନ୍ତ ସମସ୍ୟାର ସମାଧାନ କରାନଗଲେ ସାହିବାସିନ୍ଦା ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।



# ବିଦ୍ୟୁତ୍ କର୍ମଚାରୀଙ୍କୁ ବାନ୍ଧି ଲୁଟ୍

**ଢେଙ୍କାନାଳ,୩୧।୧୨(ସମିସ):** ଢେଙ୍କାନାଳ ସହର ଉପକଣ୍ଠ କଲେଜ ଛକଠାରେ ଥିବା ବିଦ୍ୟୁତ୍ ଗ୍ରୀଡ୍‌ର କର୍ମଚାରୀଙ୍କୁ କେତେକ ଦୁର୍ବୃତ୍ତ ବାନ୍ଧି ତାଙ୍କଠାରୁ ସୁନା ମୁଦି ସହ ବିଦ୍ୟୁତ୍ ସାମଗ୍ରୀ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଶନିବାର ବିଳମ୍ବିତ ରାତ୍ରିରେ କେତେକ ଦୁର୍ବୃତ୍ତ ମାରଣାସ୍ତ୍ର ଧରି କଲେଜ ଛକ ବିଦ୍ୟୁତ୍ ଗ୍ରୀଡ୍ ମଧ୍ୟରେ ପ୍ରବେଶ କରି ୩ଜଣ କର୍ମଚାରୀଙ୍କୁ ବାନ୍ଧି ସେମାନଙ୍କଠାରୁ ମୁଦି ଓ ବିଦ୍ୟୁତ୍ ତାର ସହ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଥିବାର ଅଭିଯୋଗ ହୋଇଛି। ଖବର ପାଇ ଟାଉନଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

# ଛାତରୁ ଖସି ଶ୍ରମିକ ମୃତ

**ଢେଙ୍କାନାଳ,୩୧।୧୨(ସମିସ):** ଢେଙ୍କାନାଳ ଜିଲ୍ଲା ତୁମୁସିଂହା ଥାନା ଅନ୍ତର୍ଗତ ସୋଗର ଗ୍ରାମରେ ଛାତରୁ ଖସିପଡି ଜଣେ ଶ୍ରମିକର ମୃତ୍ୟୁ ଘଟିଛି। ସୋଗର ଗ୍ରାମର ଲମ୍ବୋଧର ଦେହୁରୀ ଛାତ ଉପରେ କାର୍ଯ୍ୟରତ ଥିବା ସମୟରେ ଅସାବଧାନତା ହେତୁ ଖସି ପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

# ସୁରେନ୍ଦ୍ର ପୃଷ୍ଟିଙ୍କୁ ଅଗ୍ନି ସ୍ଫୁଲିଙ୍ଗ ସାରସ୍ୱତ ସମ୍ମାନ



**ଭୁବନ,୩୧।୧୨(ସମିସ):** ଭୁବନର ବିଶିଷ୍ଟ କବି, ଗାଳ୍ପିକ, ବ୍ୟଙ୍ଗ କଥାକାର ତଥା ସାରସ୍ୱତ ସାଧକ ସୁରେନ୍ଦ୍ର କୁମାର ପୃଷ୍ଟିଙ୍କୁ ଅଗ୍ନି ସ୍ଫୁଲିଙ୍ଗ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଛି। କଟକ ସ୍ଥିତ "କର୍ମବୀର ଗୌରୀ ଶଙ୍କର ଟାଉନ ହଲ" ଠାରେ ଶ୍ରୀଚନ୍ଦନ ସାହିତ୍ୟ ସଂସ୍କୃତି ଏକାଡେମୀ (କଟକ), ଅଗ୍ନି ସ୍ଫୁଲିଙ୍ଗ (ରାଉରକେଲା) ,ଓଡ଼ିଶା ପୂଜ୍ୟପୂଜା ପରିଷଦ ,ଚିନ୍ମୟ ସାରସ୍ୱତ ସଂସଦ (କଟକ) ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ତଥା ବିଶିଷ୍ଟ କବି ଡ଼ଃ ପ୍ରସନ୍ନ ପାଟଶାଣୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ପୃଷ୍ଟିଙ୍କୁ ଅଗ୍ନି ସ୍ଫୁଲିଙ୍ଗ ସାରସ୍ୱତ ସମ୍ମାନରେ ସମ୍ମାନିତ କରିଥିଲେ। କବି ପ୍ରମୋଦ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଦିଲ୍ଲୀପ ରାଉତରାୟ (ଆଇଏଏସ) ,ସମ୍ମାନିତ ଅତିଥି ଭାବେ ହରିହର ରାଉତରାୟ, ପ୍ରଫେସର ଡ଼ଃ ଶଶାଙ୍କ ଶେଖର ଚୂଡ଼ାମଣି, ଡଃ ରବି ନାରାୟଣ ପଣ୍ଡା, ପ୍ରଦୀପ୍ତ କୁମାର ବେହେରା ଯୋଗଦେଇଥିଲେ। ପ୍ରାକ୍ତନ ଆଇଏଏସ ସହଦେବ ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ଡ଼ଃ ପ୍ରଶାନ୍ତ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ପକ୍ଷୀପ୍ରେମରେ ଗିରିଜା
# ଘର ପାଲଟିଛି ପକ୍ଷୀବିହାର

**କାମାକ୍ଷାନଗର,୩୧।୧୨(ସମିସ)**



ପେଶାରେ ଥିଲେ ଯନ୍ତ୍ରୀ। ମୁମ୍ବାଇ ଉରନସ୍ଥିତ ଓଏନଜିସିର ସିପେମଟ୍ରେନ୍ ପ୍ରାଇଭେଟ ଲିମିଟେଡ଼ କମ୍ପାନୀରେ ସିନିଅର ମେକାନିକାଲ ଇଞ୍ଜିନିଅର ଭାବେ କାର୍ଯ୍ୟ କରୁଥିଲେ। ବଡ଼ ସହରର ଚାକଚକ୍ୟ ସାଙ୍ଗକୁ ମୋଟା ଅଙ୍କର ଦରମା ମଧ ପାଉଥିଲେ। କିନ୍ତୁ ଏସବୁ ଭିତରେ ମନରେ ଥିଲା ପକ୍ଷୀଙ୍କ ପ୍ରତି ପ୍ରେମ। ଆଉ ଖାସ ସେଥିପାଇଁ ବିଳାସପୂର୍ଣ୍ଣ ଜୀବନ ଶୈଳୀରୁ ନିବୃତ୍ତ ହୋଇ ନିଜ ଜନ୍ମମାଟିରେ ଆରମ୍ଭ କଲେ ପକ୍ଷୀବିହାର। ଅଳ୍ପ କିଛି ଟଙ୍କାରୁ ଆରମ୍ଭ ହୋଇଥିବା ଏହି ପକ୍ଷୀବିହାର ଏବେ ପହଁଞ୍ଚିଛି କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାରେ। ଆଉ ଏସବୁ ପଛରେ କେବଳ ଥିଲା ପକ୍ଷୀମାନଙ୍କ ପାଇଁ ଭଲପାଇବା। କାମାକ୍ଷାନଗର ଉପଖଣ୍ଡ ମାର୍ଥାପୁର ଶାସନ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ରମାକାନ୍ତ ମିଶ୍ର ଓ ପୁଷ୍ପଲତା ମିଶ୍ରଙ୍କ ସାନପୁଅ ଗିରିଜା ପ୍ରସାଦ ମିଶ୍ର। ମୁମ୍ବାଇରେ ଏକ ପ୍ରତିଷ୍ଠିତ କମ୍ପାନୀରେ ସିନିଅର ଇଞ୍ଜିନିୟର ଭାବେ କାର୍ଯ୍ୟ କରି ମୋଟା ଅଙ୍କର ଦରମା ପାଉଥିବା ଗିରିଜା ଏବେ ସାଜିଛନ୍ତି ପକ୍ଷୀ ବିଶାରଦ। ମାର୍ଥାପୁର ଗ୍ରାମ ଦେଶ ବିଦେଶର ବହୁ ନାମୀ ଓ ଦାମୀ ପକ୍ଷୀଙ୍କ ଜନ୍ମସ୍ଥଳୀ ପାଲଟିଛି। ବ୍ଲୁ ଆଣ୍ଡ ଗୋଲଡ଼ ମକାଓ, ୟେଲୋ କଲର୍ଡ଼ ମକାଓ, ହନ୍ସ ମକାଓ, ରେନବୋ ଲରି, ଅରନେଟ ଲରି, ଭାଓଲେଟ ନେକେଡ଼ ଲରି, ଜେଣ୍ଡିଆ କନ୍ୟୁର, ଚିକ କନ୍ୟୁର, ସିନାମାନ କନ୍ୟୁର, ପାଇନାପଲ କନ୍ୟୁର ଭଳି ଶହ ଶହ ପକ୍ଷୀଙ୍କ ଏନ୍ତୁଡ଼ିଶାଳ ପାଲଟିଛି ଗିରିଜାଙ୍କ ପକ୍ଷୀବିହାର। କେବଳ ନାମୀ ଓ ଦାମୀ ପକ୍ଷୀ ରଖିନାହାନ୍ତି ଗିରିଜା, ତାହା ସାଙ୍ଗେ ବିଭିନ୍ନ ପ୍ରଜାତିର ବିଦେଶୀ ପକ୍ଷୀଙ୍କ ବ୍ରିଡ଼ି ମଧ୍ୟ ଏଠାରେ କରାଉଛନ୍ତି ଗିରିଜା। ଯାହାକୁ ଦେଖିବା ପାଇଁ ମାର୍ଥାପୁରସ୍ଥିତ ପକ୍ଷୀବିହାରରେ ରାଜ୍ୟ, ରାଜ୍ୟ ବାହାରୁ ତଥା ବିଦେଶରୁ ବହୁ ପକ୍ଷୀ ବିଶାରଦ ଓ ପକ୍ଷୀ ପ୍ରେମୀଙ୍କ ଭିଡ଼ ଲାଗିଥାଏ। ଗିରିଜା ନିଜ ଉଦ୍ୟମରେ ୧୯୮୫ ମସିହା ଠାରୁ ନନ୍ଦନକାନନରେ ଅଣ୍ଡା ଦେଇପାରିନଥିବା ମକାଓ ପ୍ରଜାତିର ପକ୍ଷୀର ଅଣ୍ଡାଦେବା ଓ ସେଥିରୁ ଛୁଆ ଫୁଟାଇବା ଭଳି ବିରଳ ଉପଲବ୍ଧି ହାସଲ କରିପାରିଛନ୍ତି। ବର୍ତ୍ତମାନ ଗିରିଜାଙ୍କ ପକ୍ଷୀବିହାରରେ କୋଡିଏ ହଜାର ଟଙ୍କାରୁ ଆରମ୍ଭ କରି ଛଅ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ପ୍ରଜାତିର ବିରଳ ପକ୍ଷୀ ଶୋଭା ପାଉଛନ୍ତି। ଯାହାକୁ କିଣିବାପାଇଁ ଦେଶ, ତଥା ଦେଶବାହାରୁ ପ୍ରତିଦିନ ପକ୍ଷୀପ୍ରେମୀ ପହଞ୍ଚୁଛନ୍ତି। ଆଗାମୀ ଦିନରେ ସେ ଏକ ପକ୍ଷୀ ସଂଗ୍ରହଳୟ ପ୍ରତିଷ୍ଠା କରିବାକୁ ଆଶା ରଖିଛନ୍ତି ବୋଲି ଗିରିଜା କହିଛନ୍ତି।

# ହିନ୍ଦୋଳ ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା ବୈଠକ

**ହିନ୍ଦୋଳ,୩୧।୧୨(ସମିସ)**





ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତାମାନଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡର ସର୍ବପୁରାତନ ସଂଘର ସଭାପତି ବିଶେଶ୍ୱରସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୨୦୨୩ ମସିହାରବାର୍ଷିକ ବିବରଣୀ ପାଠପରେ ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ସର୍ବସମ୍ମତକ୍ରମେ ସୁଶାନ୍ତ ସାହୁ ସଭାପତି, ପ୍ରଦ୍ୟୁମ୍ନ କୁମାର ବେହେରା ସମ୍ପାଦକ, ଜଗନ୍ନାଥ ଦାସ ଉପସଭାପତି, ସୁଶାନ୍ତ ସାମଲ ସହସମ୍ପାଦକ ,ରବିନାରାୟଣପଟ୍ଟନାୟକ କୋଷାଧ୍ୟକ୍ଷ ଭାବରେ ମନୋନୀତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଭ୍ୟ ବ୍ରହ୍ମାନନ୍ଦ ପଟ୍ଟନାୟକ, ବିଶେଶ୍ୱର ସେଠୀ, ସୁମନ୍ତ ଦେହୁରୀ, ତପନ ପରିଡା, ଦୁଷ୍ମନ୍ତ ମିଶ୍ର, ଦିନେଶ ଦେହୁରୀ, ଦିପ୍ତିକାନ୍ତ ପ୍ରଧାନ, ପ୍ରଭାତ ପୃଷ୍ଟି, ସୌଭାଗ୍ୟରଞ୍ଜନ ସର, ସରୋଜ ମିଶ୍ର, ସରୋଜ ଭୁତିଆ, ସୁକାନ୍ତ ସର, ନରେଶ ପାଳ, ପ୍ରାକା ନାୟକ, ରମେଶ ସାହୁ, ପ୍ରଶାନ୍ତ ଜେନାମଣି, ପ୍ରତାପ ପଟ୍ଟନାୟକ, ହେମନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ନୂତନ ସଭାପତି ଏବଂ ସମ୍ପାଦକ ସମସ୍ତଙ୍କୁ ଭାଇଚାରା ମଧ୍ୟରେ କାର୍ଯ୍ୟକରିବାକୁ କହିବା ସହିତ ଜନସାଧାରଣଙ୍କ ମୌଳିକ ସମସ୍ୟା ପ୍ରତି ଦୃଷ୍ଟି ଦେବା ସହିତ ନିଜର କର୍ତ୍ତବ୍ୟ ସମ୍ପାଦକ କରିବାକୁ କହିଥିଲେ।

# ଦୁଇ ବାଇକ୍ ମୁହାଁମୁହିଁ ; ୨ ଗୁରୁତର

**ଭୁବନ,୩୧।୧୨(ସମିସ):** ଦୁଇ ଗୁରୁତର ଜାତୀୟ ରାଜପଥ ୫୩ ଭୁବନ ଥାନାଛକ ନିକଟରେ ରବିବାର ସନ୍ଧ୍ୟାରେ ଦୁର୍ଘଟଣା ଘଟି ଦୁଇ ଗୁରୁତର। ଗୁରୁତର କିନଖାଇ ଗ୍ରାମର ସୌମେନ୍ଦ୍ର ସାହୁ ଓ ଭୁଷଳ ତଳ ସାହିର ସଂଜୟ ବାରିକ। ସୌମେନ୍ଦ୍ର କ୍ରିକେଟ ଖେଳି ବାଇକ୍‌ରେ ଘରକୁ ଆସୁଥିବା ସମୟରେ ଏକ ଢାବାରୁ ସଂଜୟ ବାରିକ ବାଇକ୍‌ଧରି ବାହାରି ଆସୁଥିବା ସମୟରେ ଦୁର୍ଘଟଣା ଘଟିଥିଲା। ତେବେ ଭୁବନ ଅଗ୍ନିଶମ ବାହିନୀ ଉଭୟଙ୍କୁ ଭୁବନ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ସଂଜୟଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ସଂଜୟଙ୍କର ମୁଣ୍ଡମାଡ ହୋଇଥିବା ବେଳେ କାନରୁ ରକ୍ତ ବୋହୁଛି। ତେବେ ଡାକ୍ତର ସଂଜୟ ବାରିକଙ୍କୁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟକୁ ରେଫର କରାଯାଇଛି।



# ବାଲିଝାଟି ଜଙ୍ଗଲରେ ୬ଘରିଆ ହାତୀପଲ

**ଭୁବନ,୩୧।୧୨(ସମିସ):** ଢେଙ୍କାନାଳ ଜିଲ୍ଲା ଭୁବନ ରେଞ୍ଜ ଅନ୍ତର୍ଗତ ବାଲିଝାଟି ସଂରକ୍ଷିତ ଜଙ୍ଗଲରେ ୬ଘରିଆ ହାତୀପଲ ଦେଖିବାକୁ ମିଳିଛି। ଏମାନଙ୍କ ମଧ୍ୟରେ ୨ଟି ଦନ୍ତା, ୨ଟି ମାଇ ଓ ୨ଟି ଛୁଆ ହାତୀ ଅଛନ୍ତି। ତେବେ ହାତୀପଲ ବିରାଶାଳ ଜଙ୍ଗଲରୁ ଭୁବନ ଆସିଥିବା ବନବିଭାଗ ପକ୍ଷରୁ ଜଣାଯାଇଛି। ସ୍ଥାନୀୟ ଅଞ୍ଚଳରେ ଆଖୁ ଓ ଧାନ ଖାଇବା ପାଇଁ ହାତୀ ଆସୁଥିବା ବେଳେ ତୁରନ୍ତ ଏମାନଙ୍କୁ ଘଉଡାଇବା ପାଇଁ ଅଞ୍ଚଳବାସୀ ନିବେଦନ କରିଛନ୍ତି। ତେବେ ହାତୀପଲ ଉପରେ ଭୁବନ ବନବିଭାଗ ପକ୍ଷରୁ କଡା ନଜର ରହିଥିବା ଭୁବନ ଫରେଷ୍ଟର ଜଣାଇଛନ୍ତି।

● ବିଶ୍ୱଭାରତୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# କନ୍ତିଓପୁଟସାହି ତୃତୀୟ ଥର ଚାମ୍ପିଅନ

**କାମାକ୍ଷାନଗର,୩୧।୧୨(ସମିସ)**

ଢେଙ୍କାନାଳ ଜିଲ୍ଲାକାମାକ୍ଷାନଗର ବ୍ଲକ କନ୍ତିଓପୁଟସାହି ତଳବେରେଣା ଷ୍ଟାଡିୟମଠାରେ ଚାଲିଥିବା ବିଶ୍ୱଭାରତୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ତୃତୀୟ ଥରପାଇଁ ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚ୍ ପରଜଙ୍ଗ କ୍ରିକେଟ କ୍ଲବ ଏବଂ କନ୍ତିଓ ପୁଟ ସାହି ମଧ୍ୟରେ ହୋଇଥିଲା। ଟସ୍ ଜିଣି କନ୍ତିଓପୁଟସାହି ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ୬ ୱିକେଟ ବିନିମୟରେ ୧୭୮ରନ ସଂଗ୍ରହ କରିଥିଲା। ଜବାବରେ ପରଜଙ୍ଗ ୧୬ ଓଭରରେ ମାତ୍ର ୧୨୧ରନ



କରି ପରାଜିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବିଜେଡି ସାଧାରଣ ସମ୍ପାଦକ ଗୌତମ ପାଣି ଯୋଗଦେଇ ଚାମ୍ପିଅନ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତଅତିଥି ଭାବରେ ରାଜ୍ୟ ଖାଦ୍ୟ ଆୟୋଗର ସଦସ୍ୟଅକ୍ଷୟ ବେହେରା ସାଆନ୍ଦା ମହାବିଦ୍ୟାଳୟର ଅଧ୍ୟକ୍ଷ ଶିଶିର କୁମାର ଦେହୁରୀ, ଡାକ୍ତର ତଥା ସମାଜସେବୀ ରମେଶ ଚନ୍ଦ୍ର ମାଟିଆ, ଶିଶୁ ମନ୍ଦିରର ପ୍ରଧାନ ଶିକ୍ଷକ ସଞ୍ଜୟକୁମାର ସାହୁ ଯୋଗ ଦେଇଥିଲେ। କନ୍ତିଓପୁଟସାହିର ସୂର୍ଯ୍ୟକାନ୍ତମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଖେଳକୁଜଗା ଏବଂ ସମୁ ପରିଚାଳନା କରିଥିଲେ।

# ଜଗନ୍ନାଥ ଚେତନା ସମିତିର ଆଲୋଚନା ଚକ୍ର

**ଢେଙ୍କାନାଳ,୩୧।୧୨(ସମିସ):** ଢେଙ୍କାନାଳ ସହରସ୍ଥିତ ଦଧିବାମନ ଜୀୟୁ ମଠ ପରିସରରେ ଶ୍ରୀ ଶ୍ରୀ ଜଗନ୍ନାଥ ଚେତନା ସେବା ସମିତି ପକ୍ଷରୁ ୪ର୍ଥ ମାସିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥଙ୍କୁ ସମର୍ପିତ କରି ସ୍ୱାଗତ ଜଗନ୍ନାଥ ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। କାଯ୍ୟକ୍ରମରେ ଆର୍ଯ୍ୟରତ୍ନ ଚକ୍ରଧର ସଭାପତିତ୍ୱକରି ଆମେ ଯେତେବେଳେ ଏକସମୟରେ କ୍ୟାଲେଣ୍ଡରକୁ ସ୍ୱାଗତ କରୁଛେ କିନ୍ତୁ ଅସଲ ଭାବରେ ଆମ ଅନ୍ତରଧାରାରେ ଆମ ବିଚାରରେ ଭାବନାରେ ଚିନ୍ତା ଓ ଚେତନାରେ ଶ୍ରୀଜଗନ୍ନାଥଙ୍କ ଆବାହନ କରି ସ୍ୱାଗତ କରିପାରିଲେ ଜୀବନ ଧନ୍ୟହେବ ବୋଲି କହିଥିଲେ।ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜିବୀ ଦିପ୍ତିଶ ପ୍ରସାଦ ପଟ୍ଟନାୟକ, ଭାବଗ୍ରାହୀ ପଣ୍ଡା, ଇଂରାଜୀ ଅଧ୍ୟାପକ କ୍ଷୀରୋଦ ଚନ୍ଦ୍ର ନାୟକ, ଅଶ୍ୱିନୀକୁମାର ସାହୁ ପ୍ରମୁଖ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିଥିଲେ।ଅନୁଷ୍ଠାନର ସମ୍ପାଦକ ଅବନୀ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ମଳା ମହାପାତ୍ର, ଜ୍ଞାନେନ୍ଦ୍ର ସାହୁ, ଶରତ କୁମାରବେହେରା ପ୍ରମୁଖ ଯୋଗଦେଇଥିଲେ।

ଜିଲ୍ଲାସ୍ତରୀୟ 'ଶିଶୁ ପାଇଁ ଦିନଟିଏ'ର ତ୍ରୟମାସିକ ବୈଠକ

## ବାଲ୍ୟ ବିବାହ ବୃଦ୍ଧିକୁ ନେଇ ଉଦ୍‌ବେଗ



**ଜଗତସିଂହପୁର,୩୧।୧୨(ସମିସ):** ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମର ତ୍ରୟମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ପାରୁଲ ପଟ୍ଟାୱରୀ ଅଧ୍ୟକ୍ଷତା କରି କହିଲେ ଯେ, କନ୍ୟା ସନ୍ତାନ ହେଉଛନ୍ତି ଅମୂଲ୍ୟ ରତ୍ନ। ବିନା ଲିଙ୍ଗଗତ ବାଛ ବିଚାରରେ ଝିଅମାନଙ୍କ ଉପଯୁକ୍ତ ଯତ୍ନ ସହ ଶିକ୍ଷା ପ୍ରଦାନ କଲେ ସେମାନେ ମଧ୍ୟ ଚମକିବେ ବୋଲି ସେ କହିଥିଲେ। ତେବେ ଜିଲ୍ଲାରେ ବଢୁଥିବା ବାଲ୍ୟ ବିବାହକୁ ନେଇ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବାଲ୍ୟ ବିବାହ ହ୍ରାସ କରିବା ପାଇଁ ପ୍ରତ୍ୟେକ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଣୀ (ସିଡିପିଓ) ଏବଂ ଜିଲ୍ଲା ସଂଯୋଜକ ମିଳିତ ସହଯୋଗରେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ୧୯ ବର୍ଷରୁ କମ୍ ଗର୍ଭବତୀ ବାଳିକାଙ୍କୁ ଚିହ୍ନଟ ଓ ବିଦ୍ୟାଳୟରୁ ଡ୍ରପ୍ ଆଉଟ ଚିହ୍ନଟ ସହ ଏହାର ନିରାକରଣ ପାଇଁ ଜିଲା୍ଲପାଳ ନିର୍ଦ୍ଦେଶ ଦେଇଛନ୍ତି।

ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ମନୋଜ ଭୋଇ ଯୋଗ ଦେଇଥିଲେ। ଗାଁ ସ୍ତରରେ ଅଙ୍ଗନବାଡି କର୍ମୀ ଓ ଆଶା କର୍ମୀଙ୍କ ସହାୟତାରେ ବାଲ୍ୟ ବିବାହ ଖବର ସଂଗ୍ରହ କରି ଏହାକୁ ବନ୍ଦ କରିବାକୁ ପଦକ୍ଷେପ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତ ଯୋଗଦେଇ ବିଦ୍ୟାଳୟ ନିକଟରେ ଥିବା ଟବାକୋ ଦୋକାନ, ଗୁଟଖା ଆଦି ପୁଲିସ ସହାୟତାରେ ଚଢଉ କରି ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ ବେହେରା, ଜଗତସିଂହପୁର ବ୍ଲକ ଅଧ୍ୟକ୍ଷା କନକପ୍ରଭା ଲେଙ୍କା, କୁଜଙ୍ଗ ବ୍ଲକ ଅଧ୍ୟକ୍ଷା ନିନାରାଣୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶିଶୁମାନେ କିପରି ସୁରକ୍ଷିତ ରହିବେ ସେଥିପାଇଁ ଗ୍ୟାରେଜ, ଢାବା, ହୋଟେଲରେ ବ୍ୟାପକ ଚଢଉ କରି ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିବାକୁ ଆଲୋଚନା ହୋଇଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁ ଚରଣ ରାଉତ ସ୍ୱାଗତ ସୂଚନା ଦେଇଥିଲେ। ଜିଲ୍ଲା ବାଲ୍ୟ ବିବାହ ନିରୋଧ ଟାସ୍କ ଫୋର୍ସ, ଶିଶୁ ମଙ୍ଗଳ ସମିତି, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଶିଶୁ ଯତ୍ନ ଅନୁଷ୍ଠାନର କାର୍ଯ୍ୟସୂଚୀ ସଂପର୍କରେ ଆଲୋଚନା ହୋଇଛି। ବେଟି ବଚାଓ ବେଟି ପଢାଓ ଯୋଜନା ଅଧୀନରେ ଦଶମ ଶ୍ରେଣୀରେ ବ୍ଲକସ୍ତରରେ ଅଧିକ ନମ୍ବର ରଖିଥିବା ୨୧ ଜଣ କୃତୀ ଛାତ୍ରୀଙ୍କୁ ମାନପତ୍ର ସହ ୫ ହଜାର ଟଙ୍କାର ଆର୍ôଥକ ସହାୟତା ରାଶି, ଚାରା ପ୍ରଦାନ କରି ଜିଲ୍ଲାପାଳ ସମ୍ବର୍ଦ୍ଧିତ କରିଥିଲେ। ଏହା ସହ ଜିଲ୍ଲାରେ ଆୟୋଜିତ ହୋଇଥିବା ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା, ଡିଏସ୍‌ପି, ଜିଲ୍ଲା ଶ୍ରମ ଅଧିକାରୀ, ସମସ୍ତ ସିଡିପିଓ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା, କିଶୋର ନ୍ୟାୟ ପରିଷଦର ସଦସ୍ୟ ଓ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଶେଷରେ ଲିଗାଲ ପ୍ରୋବେସନ ଅଫିସର ଜଗନ୍ନାଥ ମିଶ୍ର ଧନ୍ୟବାଦ ଦେଇଥିଲେ।

● ବଢୁଛି ବେଆଇନ ବାଲି ଚାଲାଣ

## ହାତଗୁଣ୍ଡା ନେଇ ଅଧିକାରୀ ଚୁପ୍

**ଗରଦପୁର,୩୧।୧୨(ସମିସ) :** ଗରଦପୁର ବ୍ଲକ ରାଜସ୍ୱ ଅଞ୍ଚଳରୁ ଦୈନିକ ଶହ ଶହ ଟ୍ରାକ୍ଟର ଏବଂ ହାଇୱା ମାଧ୍ୟମରେ ନଦୀ ବାଲି ବେନିୟମ ଭାବରେ ଚୋରା ଚାଲାଣ ହେଉଥିବାର ଦେଖିବାକୁ ମିଳୁଛି। ଖୁଲମଖୁଲା ବାଲି ବେପାର ଚାଲିଛି। ସରକାରୀ ରାଜସ୍ୱ ଫାଙ୍କି ବାଲି ଚୋରା ଚାଲାଣ ହେଉଛି। ସବୁ ଦେଖି ମଧ୍ୟ ସ୍ଥାନୀୟ ତହସିଲ ଓ ଥାନା ବାବୁ ଚୁପ୍। ଅନ୍ୟ ପକ୍ଷରେ ବର୍ଷ ବର୍ଷ ଧରି ନଦୀରୁ ବାଲି ଉଠୁଥିବାରୁ ନଦୀ ଶଯ୍ୟାର ଜଳଧାରଣା କ୍ଷମତା ଅହେତୁକ ଭାବେ ହ୍ରାସ ପାଇବାରେ ଲାଗିଛି। ଏହା ଫଳତରେ ନଦୀ ଜଳକୁ ଭରସା କରି ଚାଷ କରୁଥିବା ଚାଷୀଙ୍କ ଅବସ୍ଥା ବେହାଲ ହୋଇ ପଡୁଛି। ଗରଦପୁର ରାଜସ୍ୱ ବିଭାଗ ପରିସୀମାରେ ପ୍ରବାହିତ ହେଉଥିବା ପାଇକା, ଚିତ୍ରୋତ୍ପଳା ଆଦି ନଦୀରେ ଉତ୍କୃଷ୍ଟ ମାନର ବାଲି ମିଳୁଥିବାରୁ ବାଲି ମାଫିଆଙ୍କ ନଜର ସର୍ବଦା ରହିଛି। ପାଇକା ନଦୀର ଚାଉଳିଆବାମେରା, ତେଣ୍ଡାକୁଡ଼ା, କୋଲର ବାଲିଘାଟ ସହ ଚିତ୍ରୋତ୍ପଳା ନଦୀର ଗୋବିନ୍ଦପୁର, କୋର୍ଣ୍ଣିଦା ମାହାଙ୍ଗା, ଜଗନ୍ନାଥପୁର ଆଦି ଅଞ୍ଚଳର ଗ୍ରାମରୁ ବେଆଇନ ଭାବେ ମାଫିଆ ନିତିଦିନ ବାଲି ଲୁଟ୍ କରିବାରେ ଲାଗିଛନ୍ତି। ଏହି ନଦୀ ଘାଟରୁ ଦୈନିକ ଶହ ଶହ ଟ୍ରାକ୍ଟର ବାଲି ଦିନରାତି ବେଧଡକ ଚାଲାଣ ହେଉଛି। ପୁଲିସ ଓ ତହସିଲ ପ୍ରଶାସନ ହାତଗୁଣ୍ଡା ନେଇ ଚୁପ୍ ବସୁଛି। ବିଭିନ୍ନ ସରକାରୀ ବେସରକାରୀ ପ୍ରକଳ୍ପ ନିର୍ମାଣରେ ଏସବୁ ବାଲି ବିନିଯୋଗ ହେଉଛି। ପ୍ରଧାନମନ୍ତ୍ରୀ ଆବାସଠୁ ଆରମ୍ଭ କରି ଲୋକେ ନିଜସ୍ୱ ଘର ନିର୍ମାଣ ପାଇଁ ବାଲି ଚୋରାରେ ନେଉଛନ୍ତି। କିଛି ଘାଟକୁ ସରକାରୀ ଭାବେ ନିଲାମ ହୋଇଥିବା ବେଳେ ବାକି ସ୍ଥାନରୁ ବେଫିକର ବାଲି ଚୋରା ଚାଲାଣ ହେଉଛି। ଏହାଫଳରେ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱହାନୀ ହେଉଛି। ଏ ସମ୍ପର୍କରେ ଗରଦପୁର ତହସିଲ ପ୍ରତିକ୍ରିୟା ଦେବାକୁ ଅନିଚ୍ଛୁକ। ନିୟମିତ ବାଲି ଚାଲାଣ ହେବା ଫଳରେ ସ୍ଥାନୀୟ ଗ୍ରାମବାସୀ ପାଖରେ ଥିବା ବିଭିନ୍ନ ବଜାର ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ତାଳଦଣ୍ଡାରୁ ବିଷ ପିଉଛନ୍ତି ପାରାଦୀପବାସୀ

**ପାରାଦୀପ,୩୧।୧୨(ସମିସ)**



ପାରାଦୀପକୁ ଏବେ ରାଜ୍ୟର ଅର୍ଥନୈତିକ ମୁଖଶାଳା କୁହାଯାଉଛି। ବନ୍ଦରକୁ ଦୃଷ୍ଟିରେ ରଖି ଏଠାରେ ବହୁ କଳ କାରଖାନା ଗଢି ଉଠିଛି। କଳ କାରଖାନା ଉପରେ ନିର୍ଭର କରି ହଜାର ହଜାର ଲୋକ ବସତି ସ୍ଥାପନ କରିଛନ୍ତି; ହେଲେ ଏଠାରେ ଟିକେ ଶୁଦ୍ଧ ପାନୀୟ ଜଳ ପାଇବାକୁ ଲୋକେ ତହଳ ବିକଳ ହେଉଛନ୍ତି। ବନ୍ଦର ବ୍ୟବସାୟରେ ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କା ଲାଭ ମଧ୍ୟ କରୁଛି; ହେଲେ ବନ୍ଦରବାସୀ ଟୋପେ ଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ବିଷ ବଳୟ ଭିତରେ ରହିଥିବା ସ୍ଥାନୀୟ ବାସିନ୍ଦା ଶୁଦ୍ଧ ଜଳ ଟୋପେ ପାଉ ନାହାଁନ୍ତି। ଏହା ଏଠାରେ ଚିନ୍ତାର କାରଣ ପାଲଟିଛି। ଯେଉଁ କେନାଲ ଦେଇ ଏହି ପାଣି ଆସୁଛି ସେହି ତାଳଦଣ୍ଡା କେନାଲର ନବୀକରଣ ହେଉଥିବାରୁ ବନ୍ଦରନଗରବାସୀ ଏହି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୋଇଲାଗୁଣ୍ଡ, ଲୁହା ଗୁଣ୍ଡ, କାରଖାନା ଧୂଳି, ଧୂଆଁରେ ଅଣନିଃଶ୍ୱାସୀ ହୋଇ ପଡିଥିବା ପାରାଦୀପବାସୀ ସେମାନଙ୍କ ଅଜଣାତରେ ଜଳ ନାଁରେ ଜହର ପିଉଛନ୍ତି। ସେମାନେ ଯେଉଁ ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି ତାହା ନିରାପଦ ନୁହେଁ। ଆଦୌ ପାନୀୟ ଉପଯୋଗୀ ନୁହେଁ ବୋଲି ଏବେ ଅଭିଯୋଗ ହୋଇଛି। କଟକର ଯୋବ୍ରା ଆନିକଟରୁ ବାହାରି ପରାଦୀପ ନିକଟରେ ମହାନଦୀରେ ମିଶିଥିବା ତାଳଦଣ୍ଡା କେନାଲ ପାଣିକୁ ପାରାଦୀପବାସୀ ବର୍ଷ ବର୍ଷ ଧରି ବ୍ୟବହାର କରିଆସୁଛନ୍ତି। ପାରାଦୀପ ବାଲିଝରା ନିକଟରେ ଥିବା ୱାଟର ରିଜର୍ଭର (ଜଳ ସଂରକ୍ଷଣ) ଥିବା ୱାଟର କେନ୍ଦ୍ର ଏବେ ନର୍ଦ୍ଦମା କୁଣ୍ଡ ପାଲଟିଛି। ୧୭୫ ଏକର ବିଶିଷ୍ଟ ଜଳାଶୟର କିଛି ଅଂଶ ଏବେ ପୋତି ହୋଇ ଗଲାଣି। ସବୁ କ୍ଷେତ୍ରରେ ପ୍ରଦୂଷଣରେ ଭରି ରହିଥିବା ପାରାଦୀପର ପାନୀୟ ଜଳ ବିଷାକ୍ତ ହୋଇ ପଡିଛି। ଅବର୍ଜନା, ଦଳ ପଚି ଗନ୍ଧରେ ଫାଟି ପଡୁଥିବା ଜଳ ସଂରକ୍ଷଣ କେନ୍ଦ୍ରରୁ ପାନୀୟ ଜଳ ଉତ୍ତୋଳନ କରାଯାଉଛି। ସେହି ପାଣିକୁ ଦୁଇଟି ପର୍ଯ୍ୟାୟରେ ବାଲିଝରା ବିଶୋଧନା ଗାରରେ ବିଶୋଧନ କରାଯାଉଛି। ପରବର୍ତ୍ତୀ ସମୟରେ ଏହି ବିଶୋଧିତ ଜଳକୁ ଲୋକଙ୍କୁ ପାଇପ୍ ଜରିଆରେ ଯୋଗାଇ ଦିଆଯାଉଛି। ଏବେ ପାରାଦୀପବାସୀଙ୍କ ମୁଖ୍ୟ ସମସ୍ୟା ହୋଇ ଉଠିଛି ପାନୀୟ ଜଳ। ଏଠାରେ ମଧୁର ଜଳର ଅଭାବ ରହିଛି। ନଳକୂପ ଖୋଳିଲେ ସେଥିରୁ ଲବଣାକ୍ତ ପାଣି ବାହାରୁଛି। ଜଳ ଲବଣାକ୍ତ ଥିବାରୁ ତାହା ପାନୀୟ ଅନୁପଯୋଗୀ ହୋଇ ପଡିଛି। ତେଣୁ ଏଠାରେ ଗଢି ଉଠିଥିବା ଶିଳ୍ପ ସଂସ୍ଥା, ଜନବସତି, କାର୍ଯ୍ୟାଳୟ, କଲୋନୀ ମଧୁର ଜଳ (ପାନୀୟ ଜଳ) ପାଇଁ ଅନ୍ୟ ଉତ୍ସ ଉପରେ ନିର୍ଭର କରିବାକୁ ପଡୁଛି। ଏହାକୁ ଦୃଷ୍ଟିରେ ରଖି ପାରାଦୀପ ବନ୍ଦର ପକ୍ଷରୁ ବାଲିଝରାଠାରେ ଏକ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ସ୍ଥାପନ କରାଯାଇଛି। ବାଲିଝରାସ୍ଥିତ ଜଳ ସଂରକ୍ଷଣ କେନ୍ଦ୍ରରୁ ଜଳ ଉତ୍ତୋଳନ କରାଯାଇ ସିଧା ସଳଖ ବିଶୋଧନାଗାରକୁ ପଠାଯାଉଛି; ମାତ୍ର ଯେଉଁ ସ୍ଥାନରୁ ଜଳ ସଂଗ୍ରହ କରାଯାଉଛି ତାହାର ଜଳ ପତନ କମ୍ ରହିଛି। ସେଠାରେ ଦଳ ଅବର୍ଜନା ବର୍ଷ ବର୍ଷ ଧରି ଜମା ହୋଇ ରହୁଛି। ଜଳ ଉତ୍ତୋଳନ ପରେ ଯେଉଁ ଅବର୍ଜନା ରହି ଯାଉଛି ତାହା ଜମି ରହିବା ଫଳରେ ଏହା କମ୍ପୋଷ୍ଟ ପାଲଟି ଯାଉଛି। ଫଳରେ ତାହା ପଚି ଯାଇ ସେଥିରୁ ଦୁର୍ଗନ୍ଧ ବାହାରୁଛି। ରିଜର୍ଭରରୁ ଉତ୍ତୋଳନ କରାଯାଉଥିବା ଜଳ ସହରର କୌଣସି ଏକ ପରିତ୍ୟକ୍ତ ନର୍ଦ୍ଦମାଠାରୁ କେଉଁ ଗୁଣରେ କମ୍ ନୁହେଁ ବୋଲି ଅନୁଭବ ହେଉଛି। ବିଭିନ୍ନ ଶିଳ୍ପ ସଂସ୍ଥାରୁ ନିର୍ଗତ ଡଷ୍ଟ ଏଠାରେ ବର୍ଷ ବର୍ଷ ଧରି ଜମା ହୋଇ ରହୁଛି। ବର୍ଷ ବର୍ଷ ଧରି ରିଜର୍ଭର ସଫା କରାଯାଉ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜୁଛି। ଏଠାରେ ଯେଉଁ ପ୍ରଣାଳୀରେ ଜଳ ବିଶୋଧନ କରାଯାଉଛି ତାହା ପର୍ଯ୍ୟାପ୍ତ ନୁହେଁ ବୋଲି କୁହାଯାଉଛି। ଯେଉଁ ଜାଗାରେ ଜଳ ବିଶୋଧନ କରାଯାଉଛି ତାହା ମଧ୍ୟ ବିପଜ୍ଜନକ। ସେଠାରେ ଜଳକୁ ଠିକ୍ ଢଙ୍ଗରେ ବିଶୋଧନ କରାଯାଉ ନାହିଁ। ମିଳିଥିବା ସୂଚନା ମୁତାବକ ପାରାଦୀପରେ ପ୍ରାୟ ୫ ହଜାରରୁ ଅଧିକ ପରିବାର, ବିଭିନ୍ନ କମ୍ପାନୀର କାର୍ଯ୍ୟାଳୟ ଓ ବନ୍ଦର କାର୍ଯ୍ୟାଳୟ, ସମେତ ବିଭିନ୍ନ ଅଳକୁ ଜଳ ଯୋଗାଣ କରାଯାଉଛି। ପାରାଦୀପରେ ପ୍ରତିଦିନ ବଡ ବଡ ଶିଳ୍ପ ସଂସ୍ଥା ଗଢି ଉଠୁଛି। ମାତ୍ର ଏହି ସଂସ୍ଥାଗୁଡିକ ଜଳ ଯୋଗାଣ ବ୍ୟବସ୍ଥା କିଭଳି ଢଙ୍ଗରେ ହେବ, ଲୋକେ କିଭଳି ନିରାପଦ ପାନୀୟ ଜଳ ପାଇ ପାରିବେ ସେ ନେଇ ଚିନ୍ତା କରୁନାହାନ୍ତି। ତେବ ଜଳ ଉତ୍ତୋଳନ ହେଉଥିବା ସ୍ଥାନରେ ଏବେ ଜଳ ପତନ ହ୍ରାସ ପାଇଥିବାରୁ ଏଭଳି ଅବର୍ଜନା ଜମା ହୋଇଛି। ଏ ପ୍ରକାର ସମସ୍ୟା ସମାଧାନ ପାଇଁ କେହି ଚିନ୍ତା କରୁ ନାହାନ୍ତି। ୧୪୮ କୋଟି ଟଙ୍କା ବ୍ୟୟରେ ତାରପୁର ନିକଟରୁ ସିଧା ସଳଖ ମହାନଦୀକୁ ଜଳ ଉତ୍ତୋଳନ କରାଯିବା ନେଇ ରହିଥିବା ଯୋଜନା ଏବେ ଶୀତଳ ଭଣ୍ଡାରରେ ରହିଛି। ଏହି ଯୋଜନା କାର୍ଯ୍ୟ ଧୀରେ ଧୀରେ ମନ୍ଥର ହୋଇଯାଇଛି।

ପଲ୍ଲିଶ୍ରୀ ମେଳା

## ସ୍ୱାବଲମ୍ବୀ କରିଛି ମାଣ୍ଡିଆ

**କେନ୍ଦ୍ରାପଡ଼ା,୩୧।୧୨(ସମିସ)**




ମିଶନ ଶକ୍ତି ମହିଳାମାନଙ୍କ ଦ୍ୱାରା ମାଣ୍ଡିଆରୁ ପ୍ରସ୍ତୁତ ସାମଗ୍ରୀ ପଲ୍ଲୀଶ୍ରୀ ମେଳାରେ ଲୋକଙ୍କ ପ୍ରଥମ ପସନ୍ଦ ଖାଦ୍ୟ ହୋଇଛି। ମାଣ୍ଡିଆରୁ ପ୍ରସ୍ତୁତ ନିମିକି, ଦହିବରା, କାକରା, ସିଝା ମାଣ୍ଡିଆ ମଣ୍ଡା, ମାଣ୍ଡିଆ ମମୋ, ଆରିସା, କରଞ୍ଜି, ଲଡୁ, କ୍ଷୀରି, ଆଳୁଚପ, ପକୁଡି ଓ ବରା ଭଳି ବିଭିନ୍ନ ପ୍ରକାରର ଖାଦ୍ୟ ସାମଗ୍ରୀ ତିଆରି କରାଯାଇ ବିକ୍ରି କରାଯାଉଛି। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ମାଣ୍ଡିଆରେ ଏହିସବୁ ଜଳଖିଆ ପ୍ରସ୍ତୁତ କରିଛନ୍ତି। ମାଣ୍ଡିଆରେ ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ତିଆରି କରି ଡେରାବିଶ ବ୍ଲକ ଚାନ୍ଦୋଳ ଅଞ୍ଚଳର ଜଗନ୍ନାଥ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀର ନିରୋଜ ନଳିନୀ ସାମଲ ଏବଂ କେନ୍ଦ୍ରାପଡ଼ା ଓସ୍ତପୁରର ମହାଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର ରିନାରାଣୀ ଦଳେଇ ଚର୍ଚ୍ଚାକୁ ଆସିଛନ୍ତି। ମାଣ୍ଡିଆରୁ ୨୦ରୁ ଅଧିକ ପ୍ରକାରର ଖାଦ୍ୟ ସାମଗ୍ରୀ ତିଆରି କରି ଏହି ଏସଏଚଜି ମହିଳାମାନେ ବିକ୍ରି କରୁଛନ୍ତି। ମାଣ୍ଡିଆରେ ବିଭିନ୍ନ ଖାଦ୍ୟ ସାମଗ୍ରୀ ତିଆରି କରିବା ପାଇଁ ଭୁବନେଶ୍ୱର ଆଇଏଚଏମରୁ ପ୍ରଶିକ୍ଷଣ ନେବାକୁ ୧୨ଟି ମହିଳା ଗ୍ରୁପକୁ ପଠାଯାଇଥିଲା। ଏମାନେ ପ୍ରଶିକ୍ଷଣ ନେବା ପରେ ମାଣ୍ଡିଆରୁ ଏହିଭଳି ସୁସ୍ୱାଦୁ ସାମଗ୍ରୀ ତିଆରି କରି ଜିଲ୍ଲା ପାଇଁ ଗୌରବ ଆଣି ଦେଇଛନ୍ତି। ପୂର୍ବରୁ ମାଣ୍ଡିଆରୁ ତିଆରି ଖାଦ୍ୟର ଏତେଟା ଚାହିଦା ନ ଥିଲା। ତେବେ ସରକାରଙ୍କ ମିଲେଟ ମିଶନ ଜରିଆରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତ କରି ଚାହିଦାକୁ ବଢାଇପାରିଛନ୍ତି। ତେବେ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡିଆରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପଲ୍ଲୀଶ୍ରୀ ମେଳାରେ ଏହାର ଝଲକ ଦେଖିବାକୁ ମିଳିଛି। ଗତ ୨୬ ତାରିଖରୁ ଆରମ୍ଭ ହୋଇଥିବା ଏହି ମେଳାରେ ମହିଳାମାନେ ଦୈନିକ ୪ରୁ ୫ ହଜାର ଟଙ୍କାର ମାଣ୍ଡିଆ ତିଆରି ଖାଦ୍ୟ ସାମଗ୍ରୀ ବିକ୍ରି କରିପାରୁଥିବା ନେଇ କହିଛନ୍ତି। ଏହାଫଳରେ ସେମାନଙ୍କ ଗୋଷ୍ଠୀର ସଦସ୍ୟାମାନେ ଆତ୍ମନିର୍ଭର ହେବା ସହ ନିଜର ପରିବାର ପ୍ରତିପୋଷଣରେ ହାତ ବଢ଼ାଇଥିବା କହିଛନ୍ତି। ମାଣ୍ଡିଆରୁ ଅନେକ ପ୍ରକାରର ପୁଷ୍ଟିକର ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ହୋଇପାରେ ତାହା ଏହି ଏସଏଚଜି ମହିଳାମାନେ କରି ଦେଖାଇଛନ୍ତି। ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ପ୍ରକାଶଯୋଗ୍ୟ, ୨୦୧୭ରେ ରାଜ୍ୟ ସରକାର ମିଲେଟ ମିଶନ ଆରମ୍ଭ କରିଛନ୍ତି। ୨୦୨୩କୁ ଅନ୍ତର୍ଜାତୀୟ ମିଲେଟ ବର୍ଷ ଭାବେ ପାଳନ କରାଯାଉଛି। ପ୍ରତିବର୍ଷ ନଭେମ୍ବର ୧୦ ତାରିଖକୁ ମାଣ୍ଡିଆ ଦିବସ ପାଳନ କରାଯାଉଛି। ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ମାଣ୍ଡିଆ ଦିବସ ପାଳନ କରୁଛି। ପ୍ରଥମେ ୭ଟି ଜିଲ୍ଲାରୁ ଆରମ୍ଭ ହୋଇଥିବା ମିଲେଟ ମିଶନ ଏବେ ୩୦ ଜିଲ୍ଲାର ୩୦୦ରୁ ଅଧିକ ବ୍ଲକରେ କାର୍ଯ୍ୟକାରୀ ହେଉଛି। ତେବେ ମାଣ୍ଡିଆ ଚାଷ ପାଇଁ ଚାଷୀଙ୍କୁ ସ୍ୱତନ୍ତ୍ର ପ୍ରୋତ୍ସାହନ ମଧ୍ୟ ରାଜ୍ୟ ସରକାର ଯୋଗାଇ ଦେଉଛନ୍ତି। ପୋଷକତତ୍ତ୍ୱରେ ଭରା ମାଣ୍ଡିଆର ପ୍ରଚାର ଓ ପ୍ରସାର ପାଇଁ ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ ଆୟୋଜନ କରି ପୂରା ବିଶ୍ୱରେ ଦୃଷ୍ଟି ଆକର୍ଷଣ କରିଛି।

## ରାସ୍ତାଖୋଳି ମନଇଚ୍ଛା ପାଇପ୍ ବିଛାଉଛନ୍ତି ଠିକାଦାର

ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ



**ଜଗତସିଂହପୁର, ୩୧।୧୨ (ସମିସ):** ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକରେ କଂକ୍ରିଟ ରାସ୍ତା ଖୋଳି ଠିକାଦାର ମନଇଚ୍ଛା ପାଇପ୍ ବିଛାଉଛନ୍ତି। ଏ ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ମାସ ମାସ ଧରି ଖୋଳାଯାଇଥିବା ରସ୍ତା ମରାମତି ଅଭାବରୁ ଯାତାୟତ ବାଧା ପ୍ରାପ୍ତ ହୋଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଅଭିଯୋଗ ଅନୁସାରେ, ଗ୍ରାମାଞ୍ଚଳ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଠିକାଦାରଙ୍କ ମାଧ୍ୟମରେ କଂକ୍ରିଟ ରାସ୍ତାକୁ ଖୋଳି ପାଇପ୍ ବିଛାଇବା ଜାରି ରହିଛି। ସରକାରୀ କର୍ମଚାରୀ ବା ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ରାସ୍ତା ଖୋଳି ମାସ ମାସ ଧରି ଛାଡିଦେବା ଫଳରେ ରାସ୍ତାଉପରେ ମାଟି ଗଦା ହେଉଥିବାରୁ ଦୁର୍ଘଟଣା ଘଟୁଛି। ଏପରିକି କଟାଯାଇଥିବା କଂକ୍ରିଟ ରାସ୍ତାକୁ ପାଇପ୍ ବିଛାଯିବା ପରେ ମରାମତି କରାଯାଉନି। ଏଣୁ ରାସ୍ତାରେ ଗାଡି ଚଳାଚଳ ବାଧା ପ୍ରାପ୍ତ ହେଉଛି। ଅନ୍ୟପକ୍ଷରେ ରାସ୍ତାକୁ ଛାଡି ଦୁଇ କଡରେ ପାଇପ୍ ବିଛାଇବା ପାଇଁ ଆବଶ୍ୟକ ସରକାରୀ ଜାଗା ରହିଥିଲେ ମଧ୍ୟ ବିନା କାରଣରେ ରାସ୍ତାକୁ ଖୋଳି ପାଣି ପାଇପ ବିଛା ଯାଉଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଏହା ଦ୍ୱାରା ରାସ୍ତା ଦୁର୍ବଳ ହେବା ସହିତ ଖୁବ ଶୀଘ୍ର ନଷ୍ଟ ହେବ ବୋଲି ଲେକେ ଆଶଙ୍କା କରିଛନ୍ତି।

## ଭ୍ରାତୃତ୍ୱ, ସଂସ୍କୃତିକୁ ସମୃଦ୍ଧ କରିଛି ଡେରାବିଶ ମହୋତ୍ସବ

**ଡେରାବିଶ, ୩୧।୧୨(ସମିସ):** ଅଞ୍ଚଳରେ ସମସ୍ତଙ୍କ ମଧ୍ୟରେ ଭ୍ରାତୃତ୍ୱ ଓ ସାଂସ୍କୃତିକ ସଂପର୍କକୁ ଡେରାବିଶ ମହୋତ୍ସବ ସୁଦୃଢ କରିଛି। କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ଓ ଡେରାବିଶ ସାଂସ୍କୃତିକ ସଂଗଠନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଦ୍ୱାଦଶ ଡେରାବିଶ ମହୋତ୍ସବରେ ଅବସରପ୍ରାପ୍ତ ପ୍ରଶାସକ ବିଶ୍ୱନାଥ ଆଚାର୍ଯ୍ୟ ଏହା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଶାସକ ବିକାଶ ମହାପାତ୍ର, ବ୍ଲକ୍ ଅଧ୍ୟକ୍ଷା ପ୍ରଭାତି ମଲିକ, ବିଡ଼ିଓ ଦାସରଥି ଜେନା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷାବିତ ପଣ୍ଡିତ ଶରତଚନ୍ଦ୍ର ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ଶାନ୍ତି ସ୍ୱରୂପ ଭୂୟାଁ ଅତିଥି ପରିଚୟ ଦେଇଥିଲେ। ଅଭିମନ୍ୟୁ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ସୋଲେମାନ ଖାଁ, ଅନନ୍ତ କିଶୋରଭୂୟାଁ, ରାମଚନ୍ଦ୍ର ରାଉତ, ସାହାଜାନ ଖାଁ, ମରୁତ ସ୍ୱାଇଁ ସରୋଜକାନ୍ତ ଦାସ ପ୍ରମୁଖ ପରିଚାଳନା କରିଥିଲେ।




● ଜଗତସିଂହପୁର ଜିଲ୍ଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ

# ଉପଯୁକ୍ତ ଭିତ୍ତିଭୂମି ଅଭାବ, ଠିକ୍‌ରେ କାମ କରୁନି

**ଜଗତସିଂହପୁର, ୩୧।୧୨ (ସମିସ)**

● ଖାଉଟି କୋର୍ଟରୁମ୍‌ର ଅଧା ଷ୍ଟୋରରୁମ୍
● କାର୍ଯ୍ୟାଳୟର ଦ୍ୱିତଳ ପ୍ରାସାଦ କାମ ଅଧା
● ଏକମାତ୍ର ସଂକୀର୍ଣ୍ଣ ଗୃହରେ କାମ କରୁଛନ୍ତି ୩ କିରାଣି
● ଶିଡି ତଳେ କାଉନ୍‌ସେଲିଂ

ଉପଭୋକ୍ତାଙ୍କ ଅଧିକାରର ସୁରକ୍ଷା ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ କାମ କରୁଛି। ଜଗତସିଂହପୁର ଜିଲ୍ଲାରେ ଜିଲା୍ଲପାଳଙ୍କ କାର୍ଯର୍ୟାଳୟକୁ ଲାଗି ଜିଲ୍ଲାସ୍ତରୀୟ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ରହିଛି; ହେଲେ ଉପଯୁକ୍ତ ଭିତ୍ତିଭୂମିର ଅଭାବରୁ ଏହା ଠିକ ଭାବରେ କାମ କରୁନି।

ଜଗତସିଂହପୁର ଜିଲ୍ଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ବହୁ ବର୍ଷ ହେବ ନାହିଁ ନାହିଁ ମଧ୍ୟରେ ଚାଲିଛି। ଏକ ସଂକୀର୍ଣ୍ଣ ଗୃହରେ ଏହା କାମ କରୁଥିବା ସମୟରେ ୨୦୦୯-୧୦ ମସିହାରୁ କାର୍ଯ୍ୟାଳୟର ଦ୍ୱିତଳ ପ୍ରସାଦ କାମ ଆରମ୍ଭ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏହା ଅଧା ପନ୍ତରିଆ ଭାବରେ ପଡିରହିଛି। ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟର ମରାମତି ଓ ନିର୍ମାଣ କରାଯାଉଥିଲେ ମଧ୍ୟ ଏହି କାର୍ଯ୍ୟାଳୟ ନିର୍ମାଣ କାମ ଦୀର୍ଘ ୧୩ ବର୍ଷ ହେଲା କାହିଁକି ଓ କେଉଁ କାରଣରୁ ଅଧା ପନ୍ତରିଆ ହୋଇ ପଡିରହିଛି ସେ ସଂପର୍କରେ ପ୍ରଶାସନ ମୁହଁ ଖୋଲୁନି। ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗର ଦୁଇଟି ସଭ୍ୟଙ୍କ ଚାମ୍ବର ଆବଶ୍ୟକତା ରହିଥିବା ସମୟରେ ଗୃହ ଅଭାବରୁ କେବଳ ଗୋଟିଏ ମାତ୍ର ଚାମ୍ବର ରହିଛି। ଦୁଇଜଣ ସଭ୍ୟଙ୍କ ମଧ୍ୟରୁ ଗୋଟିଏ ସଭ୍ୟ ପଦବୀ ଏ ପର୍ଯ୍ୟନ୍ତ ଖାଲି ପଡିଛି। ସେହିପର ୩ ଜଣ କିରାଣିଙ୍କ ପାଇଁ ଏକମାତ୍ର ସଂକୀର୍ଣ୍ଣ ଗୃହ ରହିଛି। ଏହା ଦ୍ୱାରା କାମ କରିବା କଷ୍ଟକର ହେଉଛି। ଉପଭୋକ୍ତା ପରାମର୍ଶ କେନ୍ଦ୍ର ପାଇଁ ଏକ ଗୃହର ଆବଶ୍ୟକତା ରହିଥିବା ସମୟରେ ସ୍ଥାନ ଅଭାବରୁ ସିଡି ତଳେ କାଉନସେଲିଂ କେନ୍ଦ୍ର ହୋଇଛି। ଏବେ ଏହା ତାଲା ପଡିଛି। ସେହିପରି ଏଠାରେ ଖାଉଟି କୋର୍ଟ ରୁମ୍ ରହିଥିଲେ ମଧ୍ୟ ସେଥିରୁ ଅଧା ଷ୍ଟୋରରୁମ୍ ଭାବେ ବ୍ୟବହୃତ ହେଉଛି। ତେବେ ନୂତନ ଭାବେ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ କାର୍ଯ୍ୟାଳୟରେ ଏକ ମଧ୍ୟସ୍ଥତା କେନ୍ଦ୍ର ସ୍ଥାପନ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିବା ସମୟରେ ଗୃହ ଅଭାବରୁ ଏହା କାର୍ଯ୍ୟକାରୀ ହୋଇପାରୁ ନାହିଁ।




## ରୟାଲ ଡ୍ୟାନ୍ସ ଏକାଡେମୀର କୃତିତ୍ୱ

**କେନ୍ଦ୍ରାପଡ଼ା,୩୧।୧୨(ସମିସ):** ହାଇଦ୍ରାବାଦରେ ୧୧ତମ ସର୍ବଭାରତୀୟ ଶାସ୍ତ୍ରୀୟ ଓ ଲୋକନୃତ୍ୟ ପ୍ରତିଯୋଗିତା "ନୃତ୍ୟ ପ୍ରାରମ୍ଭ"ରେ କେନ୍ଦ୍ରାପଡ଼ା ରୟାଲ ଡ୍ୟାନ୍ସ ଏକାଡେମୀ କୃତିତ୍ୱ ହାସଲ କରିଛି। ଓଡିଶୀରେ ଶୁଭଶ୍ରୀ ସାହୁ (ଜଟଣୀ) ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଟୁନି ମଲ୍ଲିକ ଲୋକନୃତ୍ୟ କନିଷ୍ଠ ବିଭାଗରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ସେହିଭଳି ଲୋକନୃତ୍ୟ କନିଷ୍ଠ ବିଭାଗରେ ଦୀପ୍ତିମୟୀ ମାରାଣ୍ଡି ୩ୟ ସ୍ଥାନ ହାସଲ କରିଥିଲେ। ସେମି କ୍ଲାସିକାଲରେ ନେହାରାଣୀ ପାଇକରାୟ ଚାମ୍ପଅନ ଜୁରୀ ଆୱାର୍ଡ ପାଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ପ୍ରାଶାସନ ତଥା ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ରୟାଲ ଡ୍ୟାନ୍ସ ଏକାଡେମୀର ସମ୍ପାଦକ ମହେଶ ପାଢ଼ୀଙ୍କ ନେତୃତ୍ୱରେ ଏହି ୫ଜଣିଆ ଟିମ୍ ହାଇଦ୍ରାବାଦ ଯାତ୍ରା କରିଥିଲେ।



# ପ୍ରଧାନମନ୍ତ୍ରୀ ଆବାସ କାମ ନିମ୍ନମାନର ଅଭିଯୋଗ

**କାଳିଆପାଣି, ୩୧।୧୨(ସମିସ):** ଖଣି ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ପ୍ରତ୍ୟକ୍ଷ ପ୍ରମାଣ ଦେଖିବାକୁ ମିଳିଛି। କଂଅଂଶ ପଞ୍ଚାୟତ ଅନ୍ତର୍ଗତ ଟିକରପଡ଼ା ଗ୍ରାମର ରାମାଏ ପୂର୍ତ୍ତିଙ୍କ ଘର ୨୦୧୯-୨୦ ଆର୍ôଥକ ବର୍ଷରେ ୧୩୦୦୦୦.୦୦ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହୋଇଥିଲା। ହିତାଧିକାରୀଙ୍କ କହିବା ଅନୁଯାୟୀ ଏହା ବର୍ଷକ ପରେ ପରେ କାନ୍ଥ ଫାଟି ଆଁ କରିଛି। ପାଖରୁ ଦେଖିଲେ ଲାଗୁଛି ଯେକୌଣସି ମୁହୂର୍ତ୍ତରେ ଏହା ତଳକୁ ଖସି ପଡ଼ିବ। ଯଦି ଘର ଭିତରେ ହିତାଧିକାରୀ କିମ୍ବା ତାଙ୍କ ପରିବାରର କେହି ଥିବାବେଳେ ଛାତଟି ମାଡ଼ି ବସେ, ତେବେ ହିତାଧିକାରୀ କିମ୍ବା ତାଙ୍କ ପରିବାର ନିଶ୍ଚିତ



ରୂପେ ମୃତାହତ ହେବେ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ବର୍ତ୍ତମାନ ଶୀତ ଲହରି ମଧ୍ୟରେ ଖଣି ଅଞ୍ଚଳ ଥରଥର କମ୍ପୁଛି ଓ ଗରିବ ଆଦିବାସୀଙ୍କ ଏକମାତ୍ର ସାହାରା ସେହି ଭଙ୍ଗା କାନ୍ଥ ଘର। ଠିକାଦାର ଘର ତିଆରି କରି ଛୁ। କିନ୍ତୁ ଜୀବନ ସଙ୍କଟରେ ପଡ଼ିଛି ହିତାଧିକାରୀ। ଯଦି ବିଭାଗୀୟ ଅଧିକାରୀ ସଠିକ୍ ଭାବେ ତଦାରଖ କରି ଘରକୁ ନିର୍ମାଣ କରିଥା'ନ୍ତେ, ତେବେ ଆଜି ରାମାଏ ପୂର୍ତ୍ତିଙ୍କ ଜୀବନ ସଂକଟରେ ନ ଥା'ନ୍ତା।

## ଦୀର୍ଘଦିନର ଆଶା ପୂରଣ କଲେ ବିଧାୟକ
# କୃତଜ୍ଞତା ଜଣାଇଲେ ସୁଙ୍ଗୁଡ଼ା ଗ୍ରାମବାସୀ

**ବଡ଼ଚଣା, ୩୧।୧୨(ସମିସ):** ବଡ଼ଚଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସୁଙ୍ଗୁଡ଼ା ଗ୍ରାମର ମୁସଲିମ ସାହିରେ ଦୀର୍ଘଦିନ ହେଲା ମୁଖ୍ୟ ରାସ୍ତାଟିରେ ଯାତାୟାତ କରିବାରେ ବହୁତ ସମସ୍ୟା ଦେଖାଯାଉଥିଲା। ଯେପରି ସାହି ଲୋକମାନେ ମସଜିଦରେ ନମାଜ



ପଢ଼ିବା ପାଇଁ ଆସିବା ବେଳେ ଦୂଷିତ ପାଣିରେ ପଶି ଆସୁଥିବା ବେଳେ ଛୋଟ ଛୋଟ ପିଲାମାନେ ମଦ୍ରାସା ଓ ସ୍କୁଲକୁ ପାଠ ପଢ଼ିବା ପାଇଁ ମଧ୍ୟ ଏହି ଦୂଷିତ ପାଣିରେ ପଶି ଯିବା ଆସିବା କରିବା ଫଳରେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏହାର ସ୍ଥାୟୀ ସମାଧାନ ପାଇଁ ସୁଙ୍ଗୁଡ଼ା ମୁସଲିମ ବସ୍ତିର ଯୁବକମାନେ ବିଧାୟକ ଅମର ପ୍ରସାଦ ଶତପଥୀଙ୍କୁ ଜଣାଇ ଥିଲେ। ବିଧାୟକ ଶ୍ରୀ ଶତପଥୀ ତୁରନ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଡାକି ରାସ୍ତାଟି କିପରି ଭାବେ ଶୀଘ୍ର ନିର୍ମାଣ ହେବ ନିର୍ଦ୍ଦେଶ ଦେବା ସହିତ ୧୬ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଫଳରେ ଏହି ରାସ୍ତାରେ ଫେଭର୍ ବ୍ଲକ ପଡ଼ି ରାସ୍ତା କାର୍ଯ୍ୟଟି ଶେଷ ହୋଇଯାଇଛି। ଫଳରେ ଦୀର୍ଘ ଦିନହେଲା ଲୋକେ ଯେଉଁ ଅସୁବିଧା ଭୋଗୁଥିଲେ ତାହା ଦୂର ହୋଇଥିବାରୁ ସ୍ଥାନୀୟ ଲୋକେ, ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ସଞ୍ଜୟ ସ୍ୱାଇଁ, ବସ୍ତି ସର୍ଦ୍ଦାର ଅମଜାଦ ହୋସେନ୍, ପୂର୍ବତନ ସର୍ଦ୍ଦାର ସେକ ସବିରୁଦ୍ଦିନ୍, ମସିର ଅଲମ୍, ରୀୟାଯୁଦ୍ଦିନ ଖାଁ, ୟାସିନ ଖାଁ, ଜବାର୍ ଖାଁ, ମୁସ୍ତାକ ଅଲ୍ଲୀ ଖାଁ, ମହମ୍ମଦ ଇମ୍ରାନ, ସିକନ୍ଦର୍ ଆଲମ, ନରୁଲ ହୋସେନ, ୱାର୍ଡ ସଭ୍ୟ ତବ୍ରେଜ ଖାଁ, ଅଫସର୍ ଅଲ୍ଲି ଖାଁ, ଗୋଲାମ୍ କାସିବ୍ ପ୍ରମୁଖ ବିଧାୟକ ଶ୍ରୀ ଶତପଥୀ ଓ ବିଭାଗୀୟ ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ବିଭିନ୍ନ ସ୍ଥାନରେ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ

# ଲୁକ୍କାୟିତ ପ୍ରତିଭା ବିକଶିତ କରୁଛି 'ଯୁବ ଓଡ଼ିଶା ନବୀନ ଓଡ଼ିଶା'











### ସାଧୁଗୌରେଶ୍ୱର ମହାବିଦ୍ୟାଳୟ

ମଙ୍ଗଳପୁର, ୩୧।୧୨(ସମିସ): ଦଶରଥପୁର ବ୍ଲକ କନିକାପଡ଼ା ପଞ୍ଚାୟତସ୍ଥ ସାଧୁଗୌରେଶ୍ୱର ମହାବିଦ୍ୟାଳୟରେ ନୂଆ-ଓ ପକ୍ଷରୁ ଦୁଇଦିନିଆ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। +୨ ବିଭାଗର କ୍ରୀଡ଼ା ଉତ୍ସବକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନିକୁଞ୍ଜ ବିହାରୀ ମହାପାତ୍ର ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ପ୍ରଥମେ +୨ର ଛାତ୍ରଛାତ୍ରୀ ନିକଟସ୍ଥ ସାଧୁଗୌରେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ମଶାଲ ଶୋଭାଯାତ୍ରାରେ ଯୋଗ ଦେଇଥିଲେ। +୨ର ନୋଡାଲ ଅଫିସର ପ୍ରାଧ୍ୟାପକ ଉଜ୍ଜଳ କାନ୍ତ ଦାସ ମଶାଲ ଗ୍ରହଣ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ। ସେହିପରି +୩ର କ୍ରୀଡ଼ା ଉତ୍ସବ ଶେଷ ହୋଇଥିବାବେଳେ ଉଭୟ ଦିନରେ ପ୍ରାୟ ୭୦୦ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ କ୍ରୀଡାରେ ଅଂଶଗ୍ରହଣ କରିଥିଲେ। +୩ ର ନୋଡାଲ ଅଫିସର ପ୍ରାଧ୍ୟାପକ ରବିନାରାୟଣ ଦାସ, କ୍ରୀଡ଼ା ବିଭାଗର ମୁଖ୍ୟ ଉମାକାନ୍ତ ସାହୁ, ଡଃ ସୁଧାଂଶୁ କୁମାର ଦାସ, ପ୍ରଦୀପ ଶତପଥୀ, ସଞ୍ଜୟ କୁମାର ସାମଲଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟକ୍ଷ ପ୍ରଫେସର ନିକୁଞ୍ଜ ବିହାରୀ ମହାପାତ୍ର ଧ୍ୱଜ ଅବତରଣ କରିବା ସହ ଧନ୍ୟବାଦ ଦେଇଥିଲେ।

### ଝାଡ଼େଶ୍ୱର କଲେଜ

**ଦାନଗଦି:** ଦାନଗଦି ବ୍ଲକ ଅନ୍ତର୍ଗତ ଟୋଲକାନୀସ୍ଥ ଝାଡ଼େଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ କଲେଜର ମିଳିତ ଆନୁକୂଲ୍ୟରେ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ପୁରସ୍କାର ବିତରଣୀ ସଭାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡଃ ଯୁଗଳ କିଶୋର ହୋତା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ଇଂଜିନିୟର ପ୍ରୀତିରଞ୍ଜନ ଘଡ଼ାଇ, ମୁଖ୍ୟବକ୍ତା ଭାବେ କଲେଜର ପ୍ରତିଷ୍ଠାତା ଦୀନବନ୍ଧୁ ପୃଷ୍ଟି, ସମ୍ମାନିତ ଅତିଥି ଭାବେ ଦାନଗଦି ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସ, ଉପାଧ୍ୟକ୍ଷ ଅଜୟ କୁମାର ବିନ୍ଧାଣୀ, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ପିଲାଙ୍କ ଲୁକ୍କାୟିତ ପ୍ରତିଭା ବିକାଶରେ ଏହି କାର୍ଯ୍ୟକ୍ରମ ପୂର୍ଣ୍ଣ ସହାୟତା କରିବ ବୋଲି ମତବ୍ୟକ୍ତ କରିଥିଲେ। +୩ ଅଧ୍ୟକ୍ଷ ବିଜୟ କୁମାର ସାହୁ ପୁରସ୍କାର ବିତରଣ କାର୍ଯ୍ୟ ସହ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ କଲେଜର ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ବନ୍ଦନା ଗାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଲୋରିୟା ମହାନ୍ତି ସଂଯୋଜନା କରିଥିଲେ। ଗାୟିକା ଜ୍ୟୋତିର୍ମୟୀ ସଙ୍ଗୀତ ପରିବେଷଣ କରିଥିଲେ। ଅଭିନେତ୍ରୀ ଶୀତଳ, ଜୁନିୟର ନଟିଆ (କମେଡିଆନ) ପ୍ରମୁଖ ଯୋଗଦେଇ ପିଲାଙ୍କୁ ମନୋରଞ୍ଜନ କରିଥିଲେ। ଅଧ୍ୟାପକ ଖଗେଶ କୁମାର ଜେନା, ରଞ୍ଜନ କୁମାର ଖଣ୍ଡା ଓ ଅଧ୍ୟାପିକା ଇତିଶ୍ରୀ ମଲ୍ଲିକଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ମଙ୍ଗଳପୁର ମହିଳା କଲେଜ

**ମଙ୍ଗଳପୁର:** ମଙ୍ଗଳପୁରସ୍ଥ ମହିଳା ସ୍ନାତକ ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷା ଡଃ ମିନାକ୍ଷୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଅନାମ ଚରଣ ସେନାପତି, ନୂଆ ଓଡ଼ିଶା କାର୍ଯ୍ୟକ୍ରମର ଜିଲ୍ଲା ନୋଡାଲ ଅଫିସର ସୁରେଶ କୁମାର ସାହୁ, ପରିଚାଳନା କମିଟି ସଭାପତି ଜଗଦୀଶ ଶଙ୍କର ସାହୁ, କନିକାପଡ଼ା ସରପଞ୍ଚ ପ୍ରଦୀପ ଯେନା ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଙ୍କ ପକ୍ଷରୁ ସ୍ୱାଗତ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଅଧ୍ୟାପିକା ପ୍ରମିଳା ବାଇ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପିକା ଶୁଭଶ୍ରୀ ଘଡ଼ାଇ ବିବରଣୀ ପାଠ କରିଥିଲେ। ଅଧ୍ୟାପିକା ସରିତା ନାୟକ, ଶ୍ରଦ୍ଧାଞ୍ଜଳି ନାୟକ, ଛାତ୍ରୀ ରାନୁ ସେଠୀ ଓ ଅଭିଲିପ୍ସା ଦାସ ମଞ୍ଚ ପରିଚାଳନା କରିଥଲେ। ନୂଆ-ଓଡ଼ିଶା କାର୍ଯ୍ୟକ୍ରମର ସାଂସ୍କୃତିକ, ସାମାଜିକ ସଚେତନତା, କ୍ରୀଡ଼ା ଆଦି ବିଭାଗର କୃତୀ ଛାତ୍ରୀଙ୍କୁ ମାନପତ୍ର ଓ ସିଲ୍ ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା।

### ଯୁଣଭଦ୍ରା ମହାବିଦ୍ୟାଳୟ

**ବିଂଝାରପୁର:** ବିଂଝାରପୁର ବ୍ଲକ ଅନ୍ତର୍ଗତ ବିତନାସ୍ଥ ଯୁଣଭଦ୍ରା ମହାବିଦ୍ୟାଳୟରେ ଚାଲିଥିବା ଆମ ଓଡ଼ିଶା, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ସାଧୁଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଇଂରାଜୀ ବିଭାଗ ପ୍ରାଧ୍ୟାପକ ଜ୍ଞାନରଞ୍ଜନ ଧଳ ସଭା ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଚାଳନା ସମିତି ସଭାପତି ଧୀରେନ୍ଦ୍ର ନାଥ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଧର୍ମଶାଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଇଂରାଜୀ ବିଭାଗ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି, ଯୁବ ଓଡ଼ିଶା, ନବୀନ ଓଡ଼ିଶା କୋଡିନେଟର ଅଧ୍ୟାପକ ନିରୋଦ କୁମାର ସାହୁ, ଅଧ୍ୟାପକ ସୁବାସ ଚନ୍ଦ୍ର ନାୟକ, ନୋଡାଲ ଅଫିସର ଅଧ୍ୟାପକ ପର୍ଶୁରାମ ନାୟକ, ଅଧ୍ୟାପକ ବେଣୁଧର ଓରାମ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ନିରୋଦ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ପର୍ଶୁରାମ ସାହୁ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

### ହରିପୁର କଲେଜ

**ହାତୀବାରି:** ଛାତ୍ରଛାତ୍ରୀଙ୍କ ଉତ୍ସାହ ବଢ଼ାଉଛି ନୂଆ-ଓ। ଯାଜପୁର ଜିଲ୍ଲା ସୁକିନ୍ଦା ହରିପୁରସ୍ଥ ଭାରତୀ ବିହାର ସ୍ନାତକ ମହାବିଦ୍ୟାଳୟର ନୂଆ-ଓ କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡାଇ ଯୋଗଦେଇ କ୍ରୀଡ଼ା, ସାଂସ୍କୃତିକ ଉତ୍ସବରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଛନ୍ତି। ନୂଆ-ଓ ଆଜି ଓଡ଼ିଶା କଳା, ସଂସ୍କୃତିର ପ୍ରଚାର-ପ୍ରସାରରେ ସୋପାନ ହୋଇପାରିଛି। ଏଥିରେ କଲେଜ ଅଧ୍ୟକ୍ଷ ଦୀନବନ୍ଧୁ ସେଠୀ, ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ବିବେକାନନ୍ଦ ବୋଷ, ପ୍ରତାପ ପଟ୍ଟନାୟକ, ଦେବୀପ୍ରସାଦ ମହାନ୍ତି, ସୁଜିତ ରାଉତ, ତପସ୍ୱିନୀ ମଲ୍ଲିକ, ମଧୁସ୍ମିତା ସେଠୀ, ସସ୍ମିତା ଦାସ, ମୀନାରାଣୀ ବାରିକ, ସୋନାଲି ପରିଡ଼ା ଓ କଲେଜର ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

### ମହାବିନାୟକ ସଂସ୍କୃତ ମହାବିଦ୍ୟାଳୟ

**ବଡ଼ଚଣା:** ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ଓ ଗଣଶିକ୍ଷା ବିଭାଗ ପ୍ରାୟୋଜିତ ସମନ୍ୱିତ ଯୁବ ବିକାଶ ଯୋଜନା ଆନୁକୂଲ୍ୟରେ ବଡଚଣା ବ୍ଲକ ଅନ୍ତର୍ଗତ କୋଲସାହିସ୍ଥ ମହାବିନାୟକ ସଂସ୍କୃତ ମହାବିଦ୍ୟାଳୟରେ ଚାଲିଥିବା 'ନୂଆ-ଓ' କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। ଅଧ୍ୟକ୍ଷ ଅଶ୍ୱନୀ କୁମାର ଦାଶଙ୍କୁ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଡଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି ଯୋଗଦେଇ ଏକ ଶାନ୍ତ ସମୃଦ୍ଧ ବିକଶିତ ଓଡ଼ିଶା ଗଠନରେ ନୂଆ ଓଡ଼ିଶା ଓ ନବୀନ ଓଡ଼ିଶାର ଅଭିନବ ପ୍ରୟାସ। ଏହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଓ ପ୍ରେରଣା ଦେବା ସହିତ ସେମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣାବଳୀକୁ ବିକଶିତ କରିବା ସହିତ ଏହି କାର୍ଯ୍ୟକ୍ରମ ସମସ୍ତଙ୍କ ଆଦୃତ ହୋଇପାରିଛି ବୋଲି କହିଥିଲେ।

ସମ୍ମାନିତ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ଦେବବ୍ରତ ସାହୁ, ନୋଡାଲ ଅଫିସର ସନ୍ଧ୍ୟାରାଣୀ ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବହୁ ଉପାଦେୟ ତଥ୍ୟ ପ୍ରଦାନ କରିବା ସହିତ ପ୍ଲାଷ୍ଟିକମୁକ୍ତ ପରିବେଶ, ନିଶା ନିବାରଣ, ବୃକ୍ଷରୋପଣ, ସୃଜନଶୀଳତାର ଆଭିମୁଖ୍ୟ ସମ୍ପର୍କରେ ଜଣାଇଥିଲେ। ବିଦ୍ୟାଳୟର ୩୨ ଜଣ ଛାତ୍ରଛାତ୍ରୀ କ୍ରୀଡା, ସାଂସ୍କୃତିକ, ସମାଜସେବା, ଯୋଗ ଶିକ୍ଷା, ସାମାଜିକ ସଚେତନତା, ସଫେଇ, ପ୍ରଥପ୍ରାନ୍ତ ନାଟକ, ପରିବେଶ ସ୍ୱଚ୍ଛତା, ବୃକ୍ଷରୋପଣ, ଝୋଟି ଆଦି ପ୍ରତିଯୋଗିତାରେ ଭାଗନେଇଥିଲେ। ଆଜି କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଅଧ୍ୟାପିକା ଅବନ୍ତୀ ମହାଖୁଡ଼, ସୁପ୍ରଭା ମହାନ୍ତି, ବୈଜୟନ୍ତୀ ପାଢ଼ୀ, ଅଧ୍ୟାପକ ଶାନ୍ତନୁ ମିଶ୍ର, ସଞ୍ଜୟ ଦଳାଇ ପ୍ରମୁଖ ପରିଚାଳନା କରିଥିବାବେଳେ ଅଧ୍ୟାପିକା କସ୍ତୁରୀବାଳା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାଷ ଜମିରେ ନିଆଁ ଲଗାଇ ଯୁବକ ଅଟକ

**ପାଣିକୋଇଲି, ୩୧।୧୨(ସମିସ)**

ବର୍ତ୍ତମାନ ମେସିନ ସାହାଯ୍ୟରେ ଧାନ କଟା ହେଉଥିବାରୁ ଚାଷ ଜମିରେ ନଡ଼ାକୁଟା ପଡ଼ିଛି। ଆଉ କେତେ ଜଣକ ବିଲରୁ ମଧ୍ୟ ଧାନ କଟା ଯାଇନାହିଁ। ତେବେ ଧାନ କଟାପରେ ଉକ୍ତ ନଡ଼ାଗୁଡ଼ିକୁ ବିଲର ମାଲିକ ନିଜର ଗୃହପାଳିତ ପଶୁଙ୍କ ଲାଗି ନେଇଥାଏ। ତେବେ ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଞ୍ଚାତର ଦାମୋଦରପୁର ଗ୍ରାମରେ ଭଡ଼ାରେ ରହୁଥିବା ଜଣେ ବ୍ୟକ୍ତି ପାଖରେ ଥିବା ବିଲରେ ନିଆଁ ଲଗାଇ ଦେବାରୁ ତାହା କ୍ରମଃଶ ପାଞ୍ଚ ଏକର ଚାଷ ଜମିରେ ଥିବା ଧାନ ସମେତ କୁଟା ପୋଡ଼ି ପାଉଁଶ ହୋଇଯାଇଛି। ତେବେ ସ୍ଥାନୀୟ ଲୋକେ ମିଳିମିଶି ନିଆଁକୁ ଆୟତ୍ତ କରିଥିଲେ। ପରେ ଉକ୍ତ ବ୍ୟକ୍ତିଙ୍କୁ ଅଟକ ରଖି ପୁଲିସକୁ ଖବର ଦେଇଥିଲେ। ଅଭିଯୋଗ ହେବାରୁ ପୁଲିସ ଯାଇ ଉକ୍ତ ଯୁବକକୁ ଆଣି ଥାନାରେ ଅଟକ ରଖିଛି।

# ଉତ୍କଳ ସମ୍ମିଳନୀର ୧୨୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଲୋଚନାଚକ୍ର

**କୁଆଖିଆ/ବାରବାଟୀ, ୩୧।୧୨(ସମିସ)**



କଳଣସ୍ଥ ମଧୁପୁର ମହାବିଦ୍ୟାଳୟରେ ଅନ୍ତରଙ୍ଗ କଳିଙ୍ଗ, ମୋ କଲେଜ ଅଭିଯାନ ଓ ମଧୁସ୍ମୃତି ସୁରକ୍ଷା ମଞ୍ଚ ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ୧୨୦ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ 'କୁଳବୃଦ୍ଧ ମଧୁସୂଦନ-ଉତ୍କଳର ଏକ ଗୌରବାବହ ଅନୁଷ୍ଠାନ' ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ମଧୁପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ତୁହିନଂଶୁ ରଥ ସଭାପତିତ୍ୱ କରିଥିଲେ। ଉଦଘାଟକ ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ ନିରଞ୍ଜନ ଶତପଥୀ, ମୁଖ୍ୟବକ୍ତା ଭାବେ ଡଃ ସନ୍ତୋଷ କୁମାର ମହପାତ୍ର ପ୍ରମୁଖ ଯୋଗଦେଇ ମଧୁସୂଦନ ଦାସ ଓଡ଼ିଆ ଜାତିର ଅସ୍ମିତା ଥିଲେ। ଓଡ଼ିଆ ଭାଷାର ବିକାଶରେ ମଧୁବାବୁଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ଡଃ ଭୀଷ୍ମ ପ୍ରସାଦ ରଥ ଯୋଗଦେଇ ମଧୁବାବୁଙ୍କ ଖ୍ୟାତି ଓଡ଼ିଆ ଜାତି ବଞ୍ଚିଥିବା ପର୍ଯ୍ୟନ୍ତ ଓଡ଼ିଆଙ୍କ ମନରେ ଜୀବିତ ରହିବ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସ୍ତମ୍ଭକାର ତଥା ଶ୍ରମିକ ନେତା ବିଜୟ କୁମାର ସାହୁ ଯୋଗଦେଇ ମଧୁବାବୁଙ୍କ ଜୀବନୀ ଓ କାର୍ଯ୍ୟାବଳୀ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଅନ୍ତରଙ୍ଗ କଳିଙ୍ଗର ପ୍ରତିଷ୍ଠାତା ନିରଞ୍ଜନ ସାହୁ, ମଧୁସ୍ମୃତି ସୁରକ୍ଷା ମଞ୍ଚ ପ୍ରତିଷ୍ଠାତା ଅମୃତେଶୁ ଖଟୁଆ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ତରଙ୍ଗ କଳିଙ୍ଗର ଅନ୍ୟତମ ପୁରୋଧା ଅମ୍ବିକା ଚନ୍ଦ୍ର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ବିନୟ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏ ଅବସରରେ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ଅତିଥି ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ।

# ପବିତ୍ର ମୋହନ ମାହାଲାଙ୍କୁ 'ଶିକ୍ଷକ ଗୌରବ ସମ୍ମାନ'

**ବଡ଼ଚଣା, ୩୧।୧୨(ସମିସ)**



ରାଜ୍ୟ ଶିକ୍ଷକ ନେତା ତଥା ୪୮୮ ବର୍ଗ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ଅଧ୍ୟାପକ, କର୍ମଚାରୀ ସମନ୍ୱୟ ସମିତିର ସଭାପତି ତଥା ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲାଙ୍କୁ ମାହାଙ୍ଗା-ବଡ଼ଚଣା ସାହିତ୍ୟ ଓ ସଂସ୍କୃତି ପରିଷଦ ୩୦ତମ ସାମ୍ବତ୍ସରିକ ଉତ୍ସବ ବାଲିଚନ୍ଦ୍ରପୁର ପକ୍ଷରୁ ଶିକ୍ଷକ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି। ପରିଷଦର ସଭାପତି ଭକ୍ତ ଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଉଦ୍‌ଘାଟକ ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ମୁଖ୍ୟ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଶ୍ରୀ ମାହାଲାଙ୍କୁ ସମ୍ମାନସୂଚକ ମାନପତ୍ର, ଉପଢ଼ୌକନ ପ୍ରଦାନ କରିଥିଲେ। ଶିକ୍ଷକ ସମାଜର ସମ୍ମାନ ତଥା ଗୌରବ ପାଇଁ ଯେଉଁ ପରିଶ୍ରମ, ପ୍ରଚେଷ୍ଟା ଓ ଅବିରତ ସାଧନା ଜାରି ରଖିଛନ୍ତି ଯଥାର୍ଥରେ ତାର ପଟ୍ଟାନ୍ତର ନାହିଁ। ନିଜର ଦୁରଦର୍ଶିତା ଓ ପ୍ରଚଣ୍ଡ ବାଗ୍ମିତା ଦ୍ୱାରା ସରକାରଙ୍କ ସହ ସମାନ୍ତରାଳ ଭାବେ ଯୁକ୍ତି ଯୁକ୍ତ ଓ ପ୍ରାସଙ୍ଗିକ ଆଲୋଚନା ପର୍ଯ୍ୟାଲୋଚନା ଦ୍ୱାରା ଦାବି ହାସଲ କରିବାର ନିଆରା ବ୍ୟକ୍ତିତ୍ୱର ଅଧିକାରୀ ଭାବେ ସେ ରାଜ୍ୟବ୍ୟାପୀ ଖ୍ୟାତିଲାଭ କରିପାରିଛନ୍ତି। ରାଜ୍ୟର ବିଶିଷ୍ଟ ଶିକ୍ଷାବିତ୍ ଭାବେ ବର୍ଷ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଓଡ଼ିଶାର ବହୁ ଅନୁଷ୍ଠାନ ତାଙ୍କର ନିଷ୍ଠାପର ସାଧନାକୁ ଯଥୋଚିତ ସମ୍ମାନ ଜଣାଇ ବହୁ ସମ୍ମାନରେ ଭୂଷିତ କରିଛନ୍ତି। ବିଧାୟକ ଅମର ପ୍ରସାଦ ଶତପଥୀ ବ୍ୟକ୍ତିଗତ ଭାବେ ତାଙ୍କୁ ପ୍ରଶଂସା କରି ବଡ଼ଚଣାର ଜଣେ ସୁଯୋଗ୍ୟ ସନ୍ତାନ ଭାବେ ଅବିହିତ କରିବା ସହ ଆମ ଅଞ୍ଚଳ ପାଇଁ ଗର୍ବ ଓ ଗୌରବର ବିଷୟ। ସେ ଯେପରି ଜଣେ କୃତବିଦ୍ୟ ପ୍ରାଧ୍ୟାପକ, ନୀତିନିଷ୍ଠ ଅଧ୍ୟକ୍ଷ ସେହିପରି ଜଣେ କର୍ମଦକ୍ଷ ଶିକ୍ଷକ ନେତା ଭାବେ ସ୍ୱାଭିମାନ ବଜାୟ ରଖି ଆମ ଅଞ୍ଚଳର ସୁନାମରେ ଆଉ ଗୋଟେ ଫର୍ଦ୍ଦ ଯୋଡ଼ିବାରେ ସଫଳ ହୋଇପାରିଛନ୍ତି ବୋଲି କହିଥିଲେ। ତାଙ୍କର ଏହି ସମ୍ମାନ ଲାଭ ସମ୍ବାଦରେ ଓଡ଼ିଶାର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ଅଧ୍ୟାପକ, ଅଧ୍ୟାପିକା ତଥା ଜନସାଧାରଣ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ତାଙ୍କର ଦୀର୍ଘ ଜୀବନ କାମନା କରିଛନ୍ତି।

# ବିରଜା ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ



**ଯାଜପୁର, ୩୧।୧୨(ସମିସ):** ଯାଜପୁରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବିରଜା ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ନୂଆ-ଓ' ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷା ସୁକାନ୍ତିଲତା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ ଯୋଗଦେଇ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀ ନିଜର ଭବିଷ୍ୟତକୁ ଉତ୍ତମ ଭାବେ ଗଢିବା ସହିତ ଲୁପ୍ତ ପରମ୍ପରାକୁ ଉଜ୍ଜୀବିତ କରିପାରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ମୁଖ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ସମ୍ମାନିତ ଅତିଥି ଭାବେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ, ପୌର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏଭଳି ଚିନ୍ତାଧାରା ଛାତ୍ରଛାତ୍ରୀଙ୍କ କ୍ରୀଡା ଓ ଅନ୍ୟାନ୍ୟ ଅନ୍ତର୍ନିହିତ ପ୍ରତିଭାର ବିକାଶ କ୍ଷେତ୍ରରେ ବିଶେଷ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଏ ଅବସରରେ ଦୀର୍ଘ ଏକ ମାସ ଧରି ଚାଲିଥିଲା ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ।

# ସଡ଼କ ସୁରକ୍ଷା ସପ୍ତାହ ପାଳନ ନିମନ୍ତେ ପ୍ରସ୍ତୁତି
# ଧାଡ଼ି ଭାଙ୍ଗିଲେ ଟ୍ରକ୍ ଚାଳକ, ମାଲିକ ଉଭୟଙ୍କୁ ଦଣ୍ଡ

ଜଗତସିଂହପୁର/ପାରାଦୀପ,୩୧।୧୨ (ସମିସ): ୧ ତାରିଖରୁ ୭ ପର୍ଯ୍ୟନ୍ତ ସଡକ ସୁରକ୍ଷା ସପ୍ତାହ ପାଳନ କରାଯିବ। ପାରାଦୀପ ସ୍ୱତନ୍ତ୍ର ସର୍କିଟ ହାଉସରେ ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତେବେ ରାସ୍ତାରେ ଧାଡି ଭାଙ୍ଗି ଟ୍ରକ୍ ଚାଳକମାନେ ଲୋକଙ୍କୁ ଅତିଷ୍ଠ କରୁଛନ୍ତି। ଏଣୁ ଏହାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଏଣିକି ଟ୍ରକ୍ ଚାଳକ ଯଦି ଧାଡି ଭାଙ୍ଗିବେ ତେବେ ଉଭୟ ଗାଡି ଚାଳକ ଓ ମାଲିକଙ୍କୁ ଦଣ୍ଡ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି।

ଏଥିରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ପ୍ରଶାସନ ଓ ଆଞ୍ଚଳିକ ପରିବହନ ପ୍ରାଧିକରଣ ପକ୍ଷରୁ ସଡକ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ଦିଗରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ୧ ତାରିଖ ଦିନ ଜିଲ୍ଲାପାଳ ପାରୁଲ ପଟୱାରୀ ତାଙ୍କ କାର୍ଯ୍ୟାଳୟ ନିକଟରେ ଏଲଇଡି ଡିସପ୍ଲେ ଥିବା ଏକ ସଚେତନତା ରଥକୁ ଉଦ୍‌ଘାଟନ କରିବେ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି ସୂଚନା ଦେଇଛନ୍ତି। ସଚେତନତା ପୋଷ୍ଟର ଓ ହୋର୍ଡିଂ ଲଗାଯିବା ସହ ରକ୍ତଦାନ ଓ ଚକ୍ଷୁ ଚିକିତ୍ସା ଶିବିରର ଆୟୋଜନ କରାଯିବ। ବସ୍, ଟ୍ରକ୍, ଡମ୍ଫର, ଅଟୋ ସଂଘ ସମୂହ ଓ ଅଟୋ ମୋବାଇଲ ଡିଲର ସଂଘ ସବୁ ବର୍ଗର ଲୋକଙ୍କୁ ନିଜ ନିଜ ସଙ୍ଗଠନ ମାଧ୍ୟମରେ ସଡକ ସୁରକ୍ଷା ନେଇ ସଚେତନ କରାଇବେ। ପରିବହନ ପକ୍ଷରୁ ସ୍ୱେଚ୍ଛାସେବୀଙ୍କ ସହାୟତାରେ ରାତି ୩ଟାରୁ ସକାଳ ୬ ଟା ପର୍ଯ୍ୟନ୍ତ କିଛି ସ୍ଥାନରେ ଟି ଷ୍ଟଲ ଖୋଲାଯାଇ ଡ୍ରାଇଭର ଓ ହେଲ୍ପରଙ୍କୁ ମଗଣାରେ ଚା' ପିଇବାକୁ ଦିଆଯିବ। ପାରାଦୀପ ଓ ଜଗତସିଂହପୁର ପୌର ପରିଷଦ ପକ୍ଷରୁ ସ୍ଥାପିତ ଏଲଇଡି ସ୍କ୍ରିନ ଜରିଆରେ ସଡକ ସୁରକ୍ଷା ଉପରେ ସଚେତନତା ବାର୍ତ୍ତା ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ପୁଲିସ, ଜିଲ୍ଲା ପ୍ରଶାସନ, ପରିବହନ ବିଭାଗର ଅଧିକାରୀଙ୍କ ସମେତ ପାରାଦୀପର ୩ ଟ୍ରକ୍ ମାଲିକ ସଂଘର ମୁଖ୍ୟ ସୁମନ୍ତ ବିଶ୍ୱାଳ, ଇଫ୍‌କୋର ବିକେ ପରିଡା, ପିପିଏଲର ଏକେ ଆଚାର୍ଯ୍ୟ, ପାରାଦୀପ ପରିବହନର ପ୍ରଶାନ୍ତ ଜେନା, ବସ୍ ମାଲିକ ସଂଘର ରଶ୍ମି ରଞ୍ଜନ ପରିଡା ଓ ପାରାଦୀପ ବନ୍ଦର ପକ୍ଷରୁ ଆଶିଷ ଦାସ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସ୍ତାବ ଦେଇଥିଲେ।



# ତିର୍ତ୍ତୋଲ କଲେଜ ଏନ୍‌ସିସି ଆଲୁମ୍ନି ଆସୋସିଏସନର ଦ୍ୱିତୀୟ ବାର୍ଷିକ ସମ୍ମିଳନୀ

ତିର୍ତ୍ତୋଲ,୩୧।୧୨(ସମିସ): ତିର୍ତ୍ତୋଲସ୍ଥିତ ଆଦିକବି ସାରଳାଦାସ ମହାବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥି ବାହିନୀ (ଏନସିସି) ଆଲୁମ୍ନି ଆସୋଏସିଏସନର ଦ୍ୱିତୀୟ ବାଷିକ ସମ୍ମିଳନୀ ମହାବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସ୍ଥଳ ସେନା ଅଧିକାରୀ ସୁରେନ୍ଦ୍ରନାଥ ସେନ ଯୋଗଦେଇ ଏନସିସି କ୍ୟାଡେଟମାନଙ୍କୁ ଏନସିସିର ଭୂମିକା ଓ ଏହାର ଉଦ୍ଦେଶ୍ୟ ସହ ଏନସିସି କ୍ୟାଡେଟମାନଙ୍କୁ ମିଳୁଥିବା ସୁବିଧା ସୁଯୋଗ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ସିନେ ଅଭିନେତା ରିଷି ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ କ୍ୟାପଟେନ ଜ୍ଞାନଜ ସାମନ୍ତରାୟ, ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସଦାଶିବ ସାହୁ, ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିମଳ ମହାପାତ୍ର ପ୍ରମୁଖ ଯୋଗଦେଇ ଏସସିସି କ୍ୟାଡେଟମାନଙ୍କ ଦେଶ ଗଠନରେ ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏନସିସି ଆସୋସିଏସନର ଆଲୁମ୍ନି ଆସୋସିଏସନର ସଂଯୋଜକ ଦୁଷ୍ମନ୍ତ ବାରିକ ଅଧ୍ୟକ୍ଷତା କରିଥିବାବେଳେ ଏନସିସି କ୍ୟାଡେଟ ସୌମ୍ୟା ପ୍ରିୟଦର୍ଶିନୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବତନ କ୍ୟାଡେଟ ଲଳିତ ଦାସ, ନବୀନ ସୂତାର, ସୂର୍ଯ୍ୟକାନ୍ତ ସାହୁ, କୈଳାସ ଚନ୍ଦ୍ର ପାଲ, ଦୀପ୍ତିମୟୀ ଦାଶ, ରୁମାଞ୍ଜଳି ସାହୁ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ପୂର୍ବତନ କ୍ୟାଡେଟ ଶ୍ରୀକାନ୍ତ ଦାସ, ହେମନ୍ତ ପରିଡା, ସୁବାଷ ଚନ୍ଦ୍ର ସାହୁ, ଅଂଶୁମାନ ଦାସ, ବିଶ୍ୱନାଥ ବେହେରା, ଅବିନାଶ ଛାଟୋଇ, ଶ୍ରଦ୍ଧାଞ୍ଜଳି ସାହୁ, ବିଭୁକୃପା ରାଉତ, ଶୁଭଲକ୍ଷ୍ମୀ ନାଥ, ରୁବିନା ଦାସ. ବିଶ୍ୱରଞ୍ଜନ ମଲ୍ଲିକ, ସିନିଅର ଅଣ୍ଡର ଅଫିସର ଚିଣ୍ଟୁ ବେଉରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଏନସିସି ଅଧିକାରୀ ଅଧ୍ୟାପକ ପ୍ରବୀଣ ନାୟକ ଧନ୍ୟବାଦ ଦେଇଥିଲେ।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



ତିର୍ତ୍ତୋଲ, ୩୧।୧୨(ସମିସ): ତିର୍ତ୍ତୋଲସ୍ଥିତ ମଣିଚରଣ ସାରଳା ଏକାଡେମୀ ପରିସରରେ ରାଜ୍ୟ ସରକାରଙ୍କ 'ନୂଆ-ଓ' ତଥା 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ତିର୍ତ୍ତୋଲ ବ୍ଲକ୍ ଅଧ୍ୟକ୍ଷ ମନୋଜ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି, ସମ୍ମାନିତ ଅତିଥି ଭାବେ ବ୍ଲକ୍ ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ତିର୍ତ୍ତୋଲ ତହସିଲଦାର ସତ୍ୟଜିତ ମହାପାତ୍ର, ତିର୍ତ୍ତୋଲ ବିଡିଓ ତପନ ସେନାପତି, ମଣ୍ଡଳ ଶିକ୍ଷା ଅଧିକାରୀ ଅକ୍ଷୟ ବେହେରା, ଅତିରିକ୍ତ ବିଡିଓ ସତ୍ୟଜିତ ସ୍ୱାଇଁ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନୁରାଧା ମହାପାତ୍ର, କ୍ରୀଡ଼ା ଶିକ୍ଷକ ଭୁବନ ମୋହନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ରାଜ୍ୟ ସରକାରଙ୍କ ଏହି ପ୍ରୟାସର ପ୍ରଶଂସା କରି ଗ୍ରାମାଞ୍ଚଳରେ କ୍ରୀଡା କ୍ଷେତ୍ରରେ ଥିବା ଲୁକାୟିତ ପ୍ରତିଭା ଲୋକଲୋଚନକୁ ଆଣିବା ସହ ସେମାନେ ଜିଲ୍ଲା ଓ ରାଜ୍ୟସ୍ତରରେ ସୁନାମ ଅର୍ଜନ କରିପାରିବେ ବୋଲି କହିଥିଲେ। ଏହି ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିବା ଫୁଟବଲରେ ବିଶନପୁର ୟୁଥ୍ କ୍ଲବ୍, କ୍ରିକେଟରେ ବିରିତୋଳ ଲାୟନ ଦଳ, ଭଲିବଲ୍‌ରେ ତିର୍ତ୍ତୋଲ ୱାରିୟର, କବାଡି ପୁରୁଷ ବିଭାଗରେ କୋଳର ଲାୟନ୍ସ କ୍ଲବ୍, କବାଡି ମହିଳାରେ ଗୋବିନ୍ଦପୁର, ଖୋଖୋ ପୁରୁଷରେ ତିର୍ତ୍ତୋଲ କଳିଙ୍ଗ ଦଳ, ଖୋଖୋ ମହିଳାରେ ତିର୍ତ୍ତୋଲ ମଣିଚରଣ ଶାରଳା ଏକାଡେମୀ ଦଳକୁ ଚାମ୍ପିଅନ ଟ୍ରଫି ସହ ପ୍ରତି ଦଳକୁ ୨୦ହଜାର ଲେଖାଏଁ ପୁରସ୍କାର ଅର୍ଥ ରାଶି ପ୍ରଦାନ କରାଯାଇଛି। ଚାମ୍ପିୟନ ଦଳ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାକୁ ଉନ୍ନୀତ ହୋଇଛନ୍ତି। ସେହିପରି ଏସବୁ ବିଭାଗରେ ୭ଟି ରନର୍ସ ଅପ୍ ଦଳକୁ ରନର୍ସ ଅପ ଟ୍ରଫି ସହ ୧୫ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି, ୧୪ଟି ସେମିଫାଇନାଇଲିଷ୍ଟ ଦଳକୁ ଦ୍ୱିତୀୟ ରନର୍ସ ଅପ ଟ୍ରଫି ସହ ୧୦ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଛି।

# ବିଧାୟକଙ୍କ ଜନ୍ମଦିନ ପାଳିଲେ ଶୁଭେଚ୍ଛୁ



ବାଲିକୁଦା,୩୧।୧୨ (ସମିସ): ବାଲିକୁଦା-ଏରସମା ବିଧାୟକ ତଥା ଜିଲ୍ଲା ଯୋଜନାବୋର୍ଡ ଅଧ୍ୟକ୍ଷ ରଘୁନନ୍ଦନ ଦାସଙ୍କ ଜନ୍ମଦିନ ବାଲିକୁଦାସ୍ଥିତ ତାଙ୍କ ବାସଭବନରେ ବିଜେଡି କର୍ମୀମାନେ ପାଳନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଆହୁରି ସଶକ୍ତ କରିବା ସହ ଦଳକୁ ଅଧିକ ସୁଦୃଢ କରିବାକୁ କର୍ମୀ ଶପଥ ନେଇଛନ୍ତି। ବାଲିକୁଦା ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ପୂର୍ବତନ ଅଧ୍ୟକ୍ଷ ମାନସ ସେଠି, ସରୋଜ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା ଜଟାଧାରୀ ଦାସ, ରୁନିଲତା ବେହେରା, ଡଲି ପଣ୍ଡା, ତଟିନୀ ସ୍ୱାଇଁ, ବ୍ଲକ ସଭାପତି ରତ୍ନାକର ନାୟକ, ବ୍ଲକ ଯୁବ ସଭାପତି ଶୁଭେନ୍ଦୁ ଦାସ, ଜିଲ୍ଲା ବିଜେଡି ସମ୍ପାଦକ ତାପସ ନାୟକ, ଜିଲ୍ଲା ଯୁବ ସମ୍ପାଦିକା ଅସୀମା ପ୍ରିୟଦର୍ଶିନୀ, ଏସ ବି ସାଗର, ସ୍ୱାଧୀନ ଦାସଙ୍କ ସହ ଅନେକ ସରପଞ୍ଚ, ସମିତି ସଭ୍ୟ/ସଭ୍ୟା, ବାଲିକୁଦା ଏରସମାର ସମସ୍ତ ଯୁବ ଓ ଛାତ୍ର ନେତାମାନେ ଶ୍ରୀ ଦାସଙ୍କୁ ପୁଷ୍ପଗୁଚ୍ଛ ଦେଇ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ।

# ମସଜିଦରେ ଜନ୍ମଦିନ ପାଳିଲେ ବିଧାୟକ



ଏରସମା,୩୧।୧୨(ସମିସ): ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ ପଞ୍ଚପଲ୍ଲୀର ମୁସିଲିମ ଭାଇମାନଙ୍କ ସାଙ୍ଗରେ ୬୬ତମ ଜନ୍ମ ଦିବସ ପାଳନ କରିଛନ୍ତି। ଜଲିଲ୍ ସାହା, ଅସଫ ସାହା, ଟିକିନି ସାହା, ବାବୁ ସାହା ପ୍ରମୁଖ ବିଧାୟକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଧାୟକଙ୍କ ସହ ଜିଲ୍ଲା ପରିଷଦ ସଭ୍ୟ ପ୍ରଣବ ସ୍ୱାଇଁ, ଏରସମା ବ୍ଲକ ଆମ୍ବା ଅଧ୍ୟକ୍ଷ ଶିଶିର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।





















